ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୨ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 22 JUNE 2023

Vol.No. 34 ■ No. 163■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଜାତିସଂଘ ମୁଖ୍ୟାଳୟରେ ଯୋଗ କଲେ ପ୍ରଧାନମନ୍ତ୍ରୀ ମୋଦୀ

ଯୋଗ କପିରାଇଟ୍ ଏବଂ ପେଟେଣ୍ଟ ଫ୍ରି

ନୂଆଦିଲ୍ଲୀ,୨୧/୦୬ : ସାରା ଦୁନିଆରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତିସଂଘ ମୁଖ୍ୟାଳୟରେ ସ୍ୱତନ୍ତ୍ର ଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ପିଏମ ମୋଦୀଙ୍କ ସହ ଅନେକ କ୍ଷେତ୍ରର ଲୋକେ ଯୋଗ ଦେଇଛନ୍ତି । ଯୋଗ ଦିବସ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ରିଚର୍ଡ ଗିରେ ମଧ୍ୟ ପହଞ୍ଚିଛନ୍ତି । ନ୍ୟୁୟର୍କରେ ଜାତିସଂଘ ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, 'ଏଠାରେ ସବୁ ଦେଶର ଲୋକ ଉପସ୍ଥିତ ଅଛନ୍ତି । ଆପଣଙ୍କ ଭିତରୁ ଅନେକ ବହୁ ଦୂରରୁ ଆସିଛନ୍ତି । କାର୍ଯ୍ୟକ୍ରମକୁ ଆସିଥିବା ସମସ୍ତଙ୍କୁ ଧନ୍ୟବାଦ । ଯୋଗ ଭାରତରୁ ଆସିଥିବା ଏକ ମହାନ ପରମ୍ପରା ଅଟେ । ମୋତେ କୁହାଯାଇଛି ଯେ ଆଜି ଏଠାରେ ପ୍ରାୟ ସବୁ ରାଷ୍ଟ୍ରର ପ୍ରତିନିଧିତ୍ୱ ଅଛନ୍ତି । ଯୋଗର ଅର୍ଥ ଯୋଡିବା ଏଥିପାଇଁ ଆପଣ ସମସ୍ତେ ଏକସଙ୍ଗରେ ଆସିଛନ୍ତି ଏବଂ ଏହା ଯୋଗର ଦ୍ୱିତୀୟ ରୂପ ଅଟେ' । ପିଏମ କହିଛନ୍ତି-ଯୋଗର ଅର୍ଥ ୟୁନାଇଟେଡ୍ । ଯୋଗ କପିରାଇଟ୍-ରୟଲ୍ଟି ଏବଂ ପେଟେଣ୍ଟ ଫ୍ରି ଅଟେ । ଯୋଗ ଜୀବନ ବଞ୍ଚିବାର ଏକ ମାଧ୍ୟମ ଅଟେ । ଲୋକଙ୍କୁ ସମ୍ବୋଧିତ କରି ପିଏମ୍ କହିଛନ୍ତି, 'ଯୋଗ ଆପଣଙ୍କ ଆୟୁଷ ଏବଂ ଫିଟନେସର ସ୍ତରକୁ ଅନୁକୂଳ କରିଥାଏ । ଯୋଗ ପୋର୍ଟେବଲ ଅଟେ ଏବଂ ବାସ୍ତବରେ ସାର୍ବଭୌମିକ ଅଟେ' । ପ୍ରଧାନମନ୍ତ୍ରୀ କହିଛନ୍ତି, 'ଗତ ବର୍ଷ ୨୦୨୩କୁ ଅନ୍ତରାଷ୍ଟ୍ରୀୟ ମିଲେଟ୍ ବର୍ଷ ରୂପେ ପାଳନ ନେଇ ଭାରତର ପ୍ରସ୍ତାବକୁ ସମର୍ଥନ କରିବା ପାଇଁ ସାରା ଦୁନିଆ ଏକସଙ୍ଗରେ ଆସିଥିଲା । ମିଲେଟ୍ ଏକ ସୁପରଫୁଡ୍ ଅଟେ । ଏହା ପୂରା ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିଥାଏ ଏବଂ ପରିବେଶ ପାଇଁ ଭଲ' । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଆମେ ଯୋଗ ଶକ୍ତିର ଉପଯୋଗକୁ କେବଳ ସୁସ୍ଥ, ଖୁସି ରହିବା ପାଇଁ ନୁହେଁ ବରଂ ନିଜକୁ ଏବଂ ପରସ୍ପର ପ୍ରତି ଦୟାଳୁ ହେବା ପାଇଁ ମଧ୍ୟ କରିବା ଦରକାର । ବନ୍ଧୁତା, ଏକ ଶାନ୍ତିପୂର୍ଣ୍ଣ ଦୁନିଆ ଏବଂ ଏକ ସ୍ୱଚ୍ଛ, ସବୁଜ ଏବଂ ସ୍ଥିର ଭବିଷ୍ୟତର ପୋଲ ପାଇଁ ଯୋଗ ଶକ୍ତିର ଉପଯୋଗ କରନ୍ତୁ '। ଏହାସହ ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତର ଲକ୍ଷ୍ୟକୁ ସାକାର କରିବା ପାଇଁ ହାତ ମିଶାଇବାକୁ ପ୍ରଧାନମନ୍ତ୍ରୀ ବିଶ୍ୱ ମଞ୍ଚରୁ ଆହ୍ୱାନ ଦେଇଛନ୍ତି । ସମ୍ବୋଧନରେ ପ୍ରଧାନମନ୍ତ୍ରୀ କହିଛନ୍ତି, 'ଯୋଗ ଭାରତରୁ ଆସିଛି । ସବୁ ପ୍ରଚୀନ ଭାରତୀୟ ପରମ୍ପରାର ପରି ଏହା ମଧ୍ୟ ଜୀବନ୍ତ ଏବଂ ଗତିଶୀଳ ଅଟେ। ଯୋଗ ଜୀବନର ଏକ ମାଧ୍ୟମ ଅଟେ। ଏହା ବିଚାର ଏବଂ କାର୍ଯ୍ୟରେ ସାବଧାନ ଅବଲମ୍ବନର ଏକ ମାଧ୍ୟମ ଅଟେ । ଏହା ସ୍ୱୟଂ ସହ, ଅନ୍ୟଙ୍କ ସହ ଏବଂ ପ୍ରକୃତି ସହ ସଦଭାବରେ ବଞ୍ଚିବାର ମାଧ୍ୟମ ଅଟେ'।

ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୫ ପ୍ରସ୍ତାବ ପାରିତ

ଭୁବନେଶ୍ୱର, ୨୧/୦୬ (ନି.ପ୍ର): ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୧୫ଟି ପ୍ରସ୍ତାବ ପାରିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାକୁ ଅନୁମୋଦନ ମିଳିଛି । ସେହିଭଳି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସବୁ ଗାଁକୁ ରାସ୍ତା ନିର୍ମାଣକୁ ଅନୁମୋଦନ ମିଳିଛି । ଦୁର୍ଗମ ପାର୍ବତ୍ୟ ଅଞ୍ଚଳ, ନକ୍ସଲ ପ୍ରଭାବିତ ଅଞ୍ଚଳକୁ ସଂଯୋଗୀକରଣ, ଅପହଞ୍ଚ ଓ ଅସଂଯୋଜିତ ଗ୍ରାମାଞ୍ଚଳକୁ ମୁଖ୍ୟ ସଡ଼କ ସହ ଯୋଡ଼ିବା ଏହି ଯୋଜନାର ଲକ୍ଷ୍ୟ । ଏହି ଯୋଜନାରେ ୩୬୧ କିମି ରାସ୍ତା ହେବ । ମୋଟ ୯୭୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଶ୍ରୀ ଜେନା କହିଛନ୍ତି ଯେ, ପୁରୀକୁ ଐତିହ୍ୟ ସହରରେ ପରିଣତ କରିବା ପାଇଁ 'ଅବଢ଼ା' ଯୋଜନା ଲାଗୁ ହୋଇଛି । ଏହି ଯୋଜନାର ଅଟକଳ ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ୍ ମଂଜୁରୀ ମିଳିଛି । ୩୨୦୮ କୋଟିର ବ୍ୟୟବରାଦକୁ ୪୨୨୪.୨୨ କୋଟିକୁ ବୃଦ୍ଧି ନିଷ୍ପତ୍ତି ହୋଇଛି । ସେହିପରି ଗଂଜାମ ଶୀତଳାପଲ୍ଲୀରେ ▶▶ପୃଷ୍ଠା ୭

ଗ୍ରୀଷ୍ମକାଳୀନ ଅବକାଶ ଶେଷ: ଖୋଲିଲା ସ୍କୁଲ

ଭୁବନେଶ୍ୱର, ୨୧/୦୬ (ନି.ପ୍ର): ଖରାଛୁଟି ପରେ ଆଜିଠୁ ଖୋଲିଲା ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସ୍କୁଲ । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମ୍ବଲପୁର ,ଝାରସୁଗୁଡ଼ା ଓ ବଲାଙ୍ଗିର ଜିଲ୍ଲାରେ ଆସନ୍ତାକାଲି ସ୍କୁଲ ଖୋଲିବାକୁ ନିଷ୍ପତ୍ତି ହୋଇଛି । ଏଇ ୩ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଅଧିକ ହେଉଥିବାରୁ ଏହି ନିଷ୍ପତ୍ତି ନେଇଛନ୍ତି ଦୁଇ ଜିଲ୍ଲାର ଜିଲ୍ଲାପାଳ । ଏଇ ଦୁଇ ଜିଲ୍ଲାରେ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ସକାଳୁଆ ପାଠପଢା ହେବ । ଏଠାରେ ୬ଟାରୁ ୧୦ଟା ଯାଏଁ ଚାଲିବ ପାଠପଢା । ପରେ ୨୬ ତାରିଖରୁ ନିୟମିତ ପାଠପଢା ହେବ ବୋଲି କୁହାଯାଇଛି । ଅନ୍ୟପକ୍ଷରେ ସୁବର୍ଣ୍ଣପୁର, ସୁନ୍ଦରଗଡ଼ ଓ ନୂଆପଡ଼ା ଜିଲ୍ଲାରେ ୨୩ ତାରିଖରେ ଖୋଲିବ ସ୍କୁଲ । ୨୩ ଓ ୨୪ ତାରିଖରେ ସକାଳ ସାଢ଼େ ୬ରୁ ସାଢ଼େ ୯ଟା ଯାଏ ଚାଲିବ ସ୍କୁଲ ଚାଲିବ । ପରେ ୨୬ ତାରିଖ ଠାରୁ ନିୟମିତ ସମୟାନୁସାରେ ପାଠପଢ଼ା ହେବ । ସେହିଭଳି ସୁନ୍ଦରଗଡ଼ ଓ ନୂଆପଡ଼ା ଜିଲ୍ଲାରେ ୨୩ରେ । ସୂଚନାଯୋଗ୍ୟ, ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍କୁଲ ଗୁଡ଼ିକୁ ଜୁନ୍ ୧୯ତାରିଖ ପରିବର୍ତ୍ତେ ଜୁନ୍ ୨୧ ତାରିଖରେ ଖୋଲିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ । ତେବେ ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ଅନୁଗୁଳ, ସୁବର୍ଣ୍ଣପୁର ଓ ବଲାଙ୍ଗିର ଜିଲ୍ଲାରେ ଗ୍ରୀଷ୍ମପ୍ରବାହର ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ମାନେ ସକାଳୁଆ ସ୍କୁଲ କିମ୍ବା ସମ୍ପୂର୍ଣ୍ଣ ଛୁଟି ପାଇଁ ନିଷ୍ପତ୍ତି ନେଇପାରିବେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲା ।

ଶରଧାବାଲିରେ ଚତୁର୍ଦ୍ଧା ମୂର୍ତ୍ତି: ଆଜି ଆଡପ ବିଜେ

ପୁରୀ, ୨୧/୦୬ (ନି.ପ୍ର): ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଲା ତିନି ରଥ। ଅଧାରେ ଅଟକିଥିବା ଦର୍ପଦଳନ ଓ ନନ୍ଦିଘୋଷ ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଇ ଆଜି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲଗାଛନ୍ତି । ଗତକାଲି ବଳଭଦ୍ରଙ୍କ ତାଳଧ୍ୱଜ ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଥିଲା । ତେବେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ମାଉସୀ ମାଆ ଛକ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ବଡ଼ଶଙ୍ଖ ନିକଟରେ ଅଟକି ଥିଲା । ଆଜି ସକାଳୁ ପୁଣି ଥରେ ରଥଟଣା ଆରମ୍ଭ ହୋଇଥିଲା । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏକାଠି ହୋଇ ରଥ ଟାଣିବାର ସୁଯୋଗ ପାଇଛନ୍ତି । ଆଜି ଓ ଆସନ୍ତାକାଲି ମଧ୍ୟ ଦିନ ତମାମ ଶ୍ରୀଜିଉଙ୍କୁ ରଥ ଉପରେ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ । କାଲି ସଂଧ୍ୟାରେ ଶ୍ରୀଜିଉମାନେ ଗୋଟି ପହଣ୍ଡିରେ ଆଡପ ମଣ୍ଡପ ବିଜେ କରିବାକୁ ଥିବା ବେଳେ ଶୁକ୍ରବାର ଭକ୍ତମାନେ ଆଡପ ଅବଢ଼ା ପାଇବେ । ସୂଚନାଯୋଗ୍ୟ, ଠିକଣା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଗତକାଲି ରଥ ନପହଞ୍ଚି ପାରିବା ନେଇ ବହୁ ଭକ୍ତ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଅସନ୍ତୋଷ ପ୍ରକାଶ କରିଥିଲେ । ଶାସ୍ତ୍ରରେ ଉଲ୍ଲେଖ ଥିବା ମତ ଓ ବହୁବର୍ଷ ଧରି ଚାଲି ଆସୁଥିବା ବ୍ୟବସ୍ଥା ଭିତରେ ଅନ୍ତର ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସେମାନେ ମତ ପ୍ରକାଶ କରିଥିଲେ ।

କଣ୍ଠଶିଳ୍ପୀ ସୌରୀନ ଭଟ୍ଟ ଯୌନ ଶୋଷଣ ମାମଲା : କୋଲକାତା ଗଲା ସ୍ୱତନ୍ତ୍ର ଟିମ

ଭୁବନେଶ୍ୱର, ୨୧/୦୬ (ନି.ପ୍ର): କଣ୍ଠଶିଳ୍ପୀ ସୌରୀନ ଭଟ୍ଟ ଯୌନ ଶୋଷଣ ମାମଲାରେ କଟକ କମିଶନରେଟ ପୋଲିସର ସ୍ୱତନ୍ତ୍ର ଟିମ୍ କଲିକତା ଯାଇଥିବା ଜଣା ପଡିଛି । ସୌରୀନଙ୍କ ବିରୋଧରେ କଟକର ଜଣେ ଯୁବତୀ ଯୌନ ଶୋଷଣ ଅଭିଯୋଗ ନେଇ ମହିଳା ଥାନାରେ ଏତଲା ଦେଇଛନ୍ତି । ପୋଲିସ ସୌରୀନ ବିରୋଧରେ ଯୌନ ଶୋଷଣ ମାମଲା ରୁଜୁ କରି ତଦନ୍ତ କରୁଛି । ଏତଲା ପରଠାରୁ ସୌରୀନ ଫେରାର ଅଛନ୍ତି ।

ହେଲଦି ଲାଇଫ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ

ବାଲେଶ୍ୱର, ୨୧/୦୬ (ନି.ପ୍ର): ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ) ଆନୁକୂଲ୍ୟରେ ନବମ ବିଶ୍ୱ ଯୋଗ ଦିବସ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ ପାଳିତ ହୋଇଯାଇଛି । ରେବତୀ ପତ୍ରିକାର ସମ୍ପାଦିକା ତଥା ସମାଜସେବୀ ସୁବାସିନୀ ଜେନା ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଯୋଗ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଯୋଗଶିକ୍ଷାର ପ୍ରଚାର ପ୍ରସାରରେ ହେଲଦି ଲାଇଫର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ସେ କହିଥିଲେ । ପୌରାଧ୍ୟକ୍ଷା ସବିତା ସାହୁ ଏଥିରେ ବିଶେଷ ଅତିଥି ଭାବେ ଯୋଗଦେଇ ନିରୋଗ ଶରୀର ଗଠନ ଓ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ପାଇଁ ଯୋଗର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଧ୍ୱନି ପ୍ରତିଧ୍ୱନି ଖବରକାଗଜର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାଚୀନ ଭାରତୀୟ ଗୁରୁକୁଳ ଶିକ୍ଷା ବ୍ୟବସ୍ଥାରେ ଯୋଗ ଓ ପ୍ରାଣାୟମକୁ ଅଗ୍ରାଧିକାର ଦିଆଯାଇଥିବା ମତ ପ୍ରକାଶ କରିଥିଲେ । ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡାକ୍ତର ଚିତ୍ତରଂଜନ ସାହୁ ଏଥିରେ ଉପସ୍ଥିତ ରହି ଅନୁଷ୍ଠାନର ଶିକ୍ଷାଦାନଧାରା, ଯୋଗ ଓ ପ୍ରାକୃତିକ ଚିକିତ୍ସା ଶିକ୍ଷା ପଦ୍ଧତି ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ । ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ୨୫ଟି ମହାବିଦ୍ୟାଳୟରୁ ଶିବିରରେ ଯୋଗଦେଇଥିବା ଛାତ୍ରଛାତ୍ରୀମାନେ ଯୋଗାଭ୍ୟାସ କରିଥିଲେ । ଅଧ୍ୟାପକ ଅଭିଷେକ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଆଜି ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଜେ.ପି.ନଡ୍ଡା

ଭୁବନେଶ୍ୱର, ୨୧/୦୬ (ନି.ପ୍ର): ଆସନ୍ତାକାଲି ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଜଗତ୍ ପ୍ରକାଶ ନଡ୍ଡା । ୨୨ତାରିଖ ଅପରାହ୍ନ ୪ଟାରେ ଶ୍ରୀ ନଡ୍ଡା ଝାରସୁଗୁଡା ବିମାନ ବନ୍ଦରରେ ପହଂଚିବା ପରେ ଝାରସୁଗୁଡା ଜିଲ୍ଲା କାର୍ଯ୍ୟାଳୟକୁ ସିଧାସଳଖ ଗସ୍ତ କରି ବରଗଡ ଲୋକସଭା କ୍ଷେତ୍ରରେ ପ୍ରମୁଖ କାର୍ଯ୍ୟକର୍ତାଙ୍କ ସହ ବୈଠକ ଓ ଆଲୋଚନା କରିବେ । ଶ୍ରୀ ନଡ୍ଡା ବୁର୍ଲାସ୍ଥିତ ଏମସିଏଲ ଗେଷ୍ଟହାଉସଠାରେ ରାତ୍ରିଯାପନ କରିବେ ବୋଲି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି । ▶▶ପୃଷ୍ଠା ୭

ବାଲେଶ୍ୱରର ବିଶାଳ ଯୋଗ ଶିବିରରେ ରେଳମନ୍ତ୍ରୀ

ବାଲେଶ୍ୱର, ୨୧/୦୬ (ନି.ପ୍ର): ନବମ ବିଶ୍ୱ ଯୋଗ ଦିବସ ଅବସରରେ ବାଲେଶ୍ୱର ସହରର ପରମିଟ ପଡ଼ିଆରେ ଏକ ବିଶାଳ ଯୋଗ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଦକ୍ଷିଣପୂର୍ବ ରେଳପଥ ଖଡ଼ଗପୁର ଡିଭିଜନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉଦଘାଟନ କରିବା ସହ ସ୍ୱଚ୍ଛ ମାନସିକତା ସୃଷ୍ଟି ପାଇଁ ଯୋଗ ହିଁ ଉଚିତ ମାଧ୍ୟମ ବୋଲି କହିଥିଲେ । ବର୍ଷର କେବଳ ଗୋଟିଏ ଦିନ ପରିବର୍ତ୍ତେ ଦୈନିକ ଜୀବନଚର୍ଯ୍ୟାରେ ଯୋଗ ଓ ପ୍ରାଣାୟମ ଜାରି ରଖିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଦକ୍ଷିଣ-ପୂର୍ବ ରେଳପଥ ଜେନେରାଲ ମ୍ୟାନେଜର ଅର୍ଚ୍ଚନା ଯୋଶୀ, ଖଡ଼ଗପୁର ରେଳ ଡିଭିଜନ ଡିଆରଏମ ଶେଖ ହାସିମ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୋଗ ବିଜ୍ଞାନକୁ ଆପଣେଇ ପାରିଲେ ଆନ୍ତରିକ ସୁଦ୍ଧତା ଆସିବା ସହ ସମଗ୍ର ବିଶ୍ୱ ଗୋଟିଏ ପରିବାର ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ ।ଏହି ଅବସରରେ ଆମେରିକା ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନ୍ୟୁୟର୍କରୁ ଭିଡିଓ କନଫେରେନସିଂ ମାଧ୍ୟମରେ ଅଭିଭାଷଣ ପ୍ରଦାନ କରିଥିଲେ । ପରେ ସାମୂହିକ ଯୋଗାଭ୍ୟାସ କରାଯାଇଥିଲା । ରେଳ ବିଭାଗର ଅଧିକାରୀ ଓ କର୍ମଚାରୀ, ରେଳ ସୁରକ୍ଷା ବଳଙ୍କ ସମେତ ବାଲେଶ୍ୱର ସହର ତଥା ଆଖପାଖ ଅଂଚଳରୁ ବହୁ ଲୋକ ଏଥିରେ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ ।

ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ କନିଷ୍ଠ ଯନ୍ତ୍ରୀ

ସମ୍ବଲପୁର, ୨୧/୦୬ (ନି.ପ୍ର): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜଣେ ମହିଳା କନିଷ୍ଠ ଯନ୍ତ୍ରୀ । ତାଙ୍କ ନାଁ ପ୍ରଣତି ସାହୁ । ସେ ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକରେ ନିଯୁକ୍ତ ହୋଇଛନ୍ତି । ବିଲ୍ ପାସ୍ କରାଇ ଦେବା ପାଇଁ କନିଷ୍ଠ ଯନ୍ତ୍ରୀ ପ୍ରଣତି ସାହୁ ଜଣେ ଠିକାଦାରଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ସେ ଏ ସଂପର୍କରେ ଭିଜିଲାନ୍ସକୁ ଜଣାଇଥିଲେ । ଏହା ପରେ ଭିଜିଲାନ୍ସର ଯୋଜନା ମୁତାବକ ଉକ୍ତ ଠିକାଦାର ଆଜି କନିଷ୍ଠ ଯନ୍ତ୍ରୀ ପ୍ରଣତି ସାହୁଙ୍କୁ ଲାଞ୍ଚ ଟଙ୍କା ଦେଇଥିଲେ । ପ୍ରଣତି ସାହୁ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ତାଙ୍କୁ ଧରିଥିଲେ । ତାଙ୍କ ଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି ।

ଗଞ୍ଜାମର ୧୦୧ ଚାଷୀଙ୍କୁ ମିଳିନି ଖରିଫ ଧାନ ବିକ୍ରି ପ୍ରାପ୍ୟ: ରବିରେ ୧୩୧ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ

ଭୁବନେଶ୍ୱର, ୨୧/୦୬ (ନି.ପ୍ର): ଧାନ ବିକ୍ରିର ୨୪ ଘଣ୍ଟାରୁ ସର୍ବାଧିକ ୩ ଦିନ ମଧ୍ୟରେ ଚାଷୀଙ୍କୁ ପ୍ରାପ୍ୟ ମିଳିଯିବା ଉଚିତ। ମାତ୍ର ରାଜ୍ୟରେ ଖରିଫ ସରି ରବି ଧାନ ସଂଗ୍ରହ ଆରମ୍ଭ ହୋଇଥିଲେ ମଧ୍ୟ ଗଞ୍ଜାମ ଜିଲ୍ଲାର ୧୦୧ ଚାଷୀ ଧାନ ବିକ୍ରି ପ୍ରାପ୍ୟ ପାଇନଥିବା ଅଭିଯୋଗ ହୋଇଛି। ଗତ ଫେବୁଆରିରେ ଏହି ଚାଷୀମାନେ ଧାନ ବିକ୍ରି କରିଥିଲେ। ଏହାକୁ ନେଇ ଚାଷୀ ସଙ୍ଗଠନ ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ କୁହାଯାଇଥିଲା ଯେ ବ୍ୟାଙ୍କ ଆକାଉଣ୍ଟ ତ୍ରୁଟି ଯୋଗୁଁ ସେମାନେ ଟଙ୍କା ପାଇ ନାହାନ୍ତି। ୪ ମାସ ମଧ୍ୟରେ ଯୋଗାଣ ବିଭାଗ ତ୍ରୁଟିରେ ସଂଶୋଧନ ନକରିବାରୁ ବର୍ତ୍ତମାନ ଏତେ ସଂଖ୍ୟକ ଚାଷୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଅନ୍ୟଦିଗରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚାଲିଥିବା ରବି ଧାନ ସଂଗ୍ରହ ମଧ୍ୟ ସମସ୍ୟା ମୁକ୍ତ ହୋଇ ରହିନାହିଁ। ପଞ୍ଜୀକୃତ ହୋଇ ମଧ୍ୟ ରାଜ୍ୟର ଆହୁରି ୭୨ ହଜାର ୨୬୦ ଚାଷୀ ଧାନ ବିକ୍ରି କରି ପାରିନାହାନ୍ତି। ଏଣେ ୩୦ ତାରିଖରେ ଧାନ ବିକ୍ରି ଅବଧି ସମାପ୍ତ ହୋଇଯିବ। ଏତେ କମ ଦିନରେ ଏତେ ସଂଖ୍ୟକ ଚାଷୀ ଧାନ ବିକ୍ରି କରିବା ନେଇ ସନ୍ଦେହ ରହିଛି। ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ସୂଚନା ଅନୁସାରେ, ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ୨ ଲକ୍ଷ ୨ ହଜାର ୪୯୨ ଚାଷୀଙ୍କ ଠାରୁ ୧୩୧ ଲକ୍ଷ ୧୨ ହଜାର ୫୮୫ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ବାଲେଶ୍ୱରରେ ୨ଲକ୍ଷ ୪୫ ହଜାର ୫୩୨ କ୍ୱିଣ୍ଟାଲ, ବରଗଡ଼ରେ ୫୨ ଲକ୍ଷ ୧୪ ହଜାର କ୍ୱିଣ୍ଟାଲ, ବଲାଙ୍ଗୀରରେ ୨ ଲକ୍ଷ ୫୮ ହଜାର କ୍ୱିଣ୍ଟାଲ, ବୌଦ୍ଧରେ ୨ ଲକ୍ଷ ୨୩ ହଜାର କ୍ୱିଣ୍ଟାଲ, କଟକରେ ୫୩ ହଜାର ୮୮୦ କ୍ୱିଣ୍ଟାଲ, ଯାଜପୁରରେ ୬୬ ହଜାର ୧୧୮ କ୍ୱିଣ୍ଟାଲ, ଝାରସୁଗୁଡ଼ାରେ ୪୧ ହଜାର ୬୨୬ କ୍ୱିଣ୍ଟାଲ, କଳାହାଣ୍ଡିରେ ୨୨ ଲକ୍ଷ ୨୨ ହଜାର ୮୧୩ କ୍ୱିଣ୍ଟାଲ, ଖୋର୍ଧାରେ ୩୮ ହଜାର ୨୭୫ କ୍ୱିଣ୍ଟାଲ, କୋରାପୁଟରେ ୪ ଲକ୍ଷ ୧୬ ହଜାର, ମୟୂରଭଞ୍ଜରେ ୩୮ ହଜାର ୪୫୫ କ୍ୱିଣ୍ଟାଲ, ନବରଙ୍ଗପୁରରେ ୨୧ ହଜାର ୮୭୨ କ୍ୱିଣ୍ଟାଲ, ନୂଆପଡ଼ାରେ ୩ ଲକ୍ଷ ୭୯ ହଜାର କ୍ୱିଣ୍ଟାଲ, ପୁରୀରେ ୧୧ ହଜାର କ୍ୱିଣ୍ଟାଲ, ସମ୍ବଲପୁରରେ ୧୨ ଲକ୍ଷ ୪୨ ହଜାର, ସୁବର୍ଣ୍ଣପୁରରେ ୨୨ ଲକ୍ଷ ୬୩ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି।

ପିଏମ୍ ଆବାସ: ଆରମ୍ଭ ହେଲା ଅନଲାଇନରେ ୱାର୍କ ଅର୍ଡର ବଣ୍ଟା, ବର୍ଷକରେ ଘର ନସାରିଲେ ରଦ୍ଦ ହେବ ୱାର୍କ ଅର୍ଡର

ଭୁବନେଶ୍ୱର, ୨୧/୦୬ (ନି.ପ୍ର): ଦୀର୍ଘ ପ୍ରାୟ ଦେଢ଼ବର୍ଷ ଧରି ରାଜ୍ୟରେ ଠପ୍ ହୋଇଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ପୁଣିଥରେ କାର୍ଯ୍ୟାଦେଶ ବଂଟନ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମଥର ପାଇଁ ରାଜ୍ୟରେ ଅନଲାଇନରେ ଏହି ପିଏମ୍ ଆବାସ ଘରର ୱାର୍କ ଅର୍ଡର ଅନଲାଇନରେ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଛି । ଗ୍ରାମାଂଚଳ ଓ ବ୍ଲକସ୍ତରରେ ପିଏମ୍ ଆବାସ ଯୋଜନାରେ ୱାର୍କ ଅର୍ଡର ବଂଟନଠୁ ଆରମ୍ଭ କରି ବିଲ୍ ପ୍ରଦାନ ଆଦିସ୍ତରରେ ଦୁର୍ନୀତି ଅଭିଯୋଗ ଆସିବା ତଥା କେନ୍ଦ୍ର ସରକାରଙ୍କ କଡ଼ା ତାଗିଦ୍ ପରେ ରାଜ୍ୟ ସରକାର ହିତାଧିକାରୀଙ୍କୁ ଅନଲାଇନରେ ପିଏମ୍ ଆବାସ ଘର ୱାର୍କ ଅର୍ଡର(କାର୍ଯ୍ୟାଦେଶ) ବଂଟନ ଆରମ୍ଭ କରିଛନ୍ତି । ଗତ ମେ' ୩୦ତାରିଖରେ ରାଜ୍ୟ ପଂଚାୟତିରାଜ ସଚିବ ସୁଶୀଲ କୁମାର ଲୋହାନୀ ସମସ୍ତ ଜିଲ୍ଲାପାଳ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଓ ବିଡିଓଙ୍କୁ ଚିଠି ଲେଖି ପିଏମ ଆବାସ(ଗ୍ରାମୀଣ) ଘରର କାର୍ଯ୍ୟାଦେଶ ହିତାଧିକାରୀଙ୍କୁ ଅନଲାଇନରେ ବଂଟନ କରାଯିବ ବୋଲି ସୂଚନା ଦେଇଥିଲେ । ସୂଚନା ଅନୁସାରେ, ରାଜ୍ୟର ଗ୍ରାମାଂଚଳର ଗରିବ ଲୋକଙ୍କୁ ଛାତଘର ଯୋଗାଇ ଦେବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ ଆବାସ)ରେ କେନ୍ଦ୍ର ସରକାର ୨୦୨୩ ଜାନୁୟାରୀ ମାସରେ ମୋଟ ୯ଲକ୍ଷ ୫୯ହଜାର ୫୧୮ଟି ଘର(୧.୪୨ଲକ୍ଷ ଘର ଫନି ବାତ୍ୟା ପ୍ରଭାବିତଙ୍କ ପାଇଁ) ମଞ୍ଜୁର କରିଥିଲେ । ଏହି ଘରଗୁଡ଼ିକୁ ହିତାଧିକାରୀଙ୍କୁ ବଂଟନ କରିବା ନିମନ୍ତେ ରାଜ୍ୟ ସରକାର ପ୍ରାୟ ୬ମାସ ଧରି ଟାଳଟୂଳ ନୀତି ଅବଲମ୍ବନ କରି ଶେଷରେ ଆଜିଠୁ କାର୍ଯ୍ୟାଦେଶ ବଂଟନ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଅନଲାଇନ୍ ମାଧ୍ୟମରେ ହିତାଧିକାରୀମାନେ ନିଜର ଆଧାର କାର୍ଡ ବିବରଣୀ ଦେଇ ଏହି ୱାର୍କ ଅର୍ଡର(କାର୍ଯ୍ୟାଦେଶ)କୁ ଡାଉନଲୋଡ୍ କରିବାର ସୁଯୋଗ ପାଇବେ । ଯୋଗ୍ୟ ହିତାଧିକାରୀଙ୍କ ପଞ୍ଜିକୃତ ମୋବାଇଲ ନମ୍ବରକୁ ଏକ ଲିଙ୍କ୍ ପଠାଯିବ ଯେଉଁଥିରେ ତାଙ୍କର ୱାର୍କ ଅର୍ଡର ମିଳିପାରିବ । ଏହାବ୍ୟତୀତ ହିତାଧିକାରୀ ଚାହିଁଲେ ରାଜ୍ୟ ସରକାରଙ୍କ ଗ୍ରାମାଂଚଳ ଗୃହନିର୍ମାଣ ପୋର୍ଟାଲକୁ ଯାଇ ନିଜର ପଞ୍ଜିକୃତ ମୋବାଇଲ ନମ୍ବର ଓ ଆଧାର ନମ୍ବର ମାଧ୍ୟମରେ ଏହି ୱାର୍କ ଅର୍ଡରକୁ ଡାଉନଲୋଡ୍ କରିପାରିବେ । ମୋ' ସେବା କେନ୍ଦ୍ରରେ ମଧ୍ୟ ଏହି ୱାର୍କ ଅର୍ଡରକୁ ହିତାଧିକାରୀ ଡାଉନଲୋଡ୍ କରିବାର ସୁବିଧା ପାଇବେ । ୱାର୍କ ଅର୍ଡର ପାଇବା ପରେ ହିତାଧିକାରୀ କିଭଳି ତ୍ୱରିତ୍ ଘର ନିର୍ମାଣ କାର୍ଯ୍ୟ ଶେଷ କରିବେ ତାହା ସେହି ଗୃହ ନିର୍ମାଣ ଦାୟିତ୍ୱରେ ଥିବା ତୃଣମୂଳସ୍ତରର ଅଧିକାରୀ ସୁନିଶ୍ଚିତ କରାଇବେ । କୌଣସି ଯୋଗ୍ୟ ହିତାଧିକାରୀ ଗୃହ ନିର୍ମାଣ ସଂକ୍ରାନ୍ତୀୟ କାର୍ଯ୍ୟ ପାଇଁ ହଇରାଣ ହେବେ ନାହିଁ ଓ ସରକାର ଦୁର୍ନୀତିକୁ ନେଇ ଜିରୋ ଟଲେରାନ୍ସ ନୀତି ଆପଣାଉଥିବାରୁ କୌଣସି ତୃଣମୂଳସ୍ତରର ଅଫିସର ଯେପରି ଏସବୁରେ ଲିପ୍ତ ନହେବେ ସେ ନେଇ ସରକାରୀ ଅଫିସରମାନଙ୍କୁ ସଚେତନ କରାଇବାକୁ କୁହାଯାଇଛି । ସ୍ଥାନୀୟ ବିଡିଓ(ଗୋଷ୍ଠୀ ଉନ୍ନୟନ ଅଧିକାରୀ)ଙ୍କ ସ୍ୱାକ୍ଷରରେ ଏହି ୱାର୍କ ଅର୍ଡର ଜାରି କରାଯାଉଛି । ଏଥିରେ ନୋଡାଲ ଅଫିସରଙ୍କ ନାଁ ଓ ମୋବାଇଲ ନମ୍ବର ଉଲ୍ଲେଖ ରହିବ । ଗୃହ ନିର୍ମାଣକୁ କୌଣସି ସମସ୍ୟା ହେଲେ ସମ୍ପୃକ୍ତ ନୋଡାଲ ଅଫିସରଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି । ସେହି ୱାର୍କ ଅର୍ଡରରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ, ହିତାଧିକାରୀ ନିଜର ୱାର୍କ ଅର୍ଡର ପାଇବାର ବର୍ଷକ ମଧ୍ୟରେ ଗୃହ ନିର୍ମାଣ ଶେଷ କରିବା ଆବଶ୍ୟକ । ଧାର୍ଯ୍ୟ ସମୟସୀମା ମଧ୍ୟରେ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ ନହେଲେ ଦିଆଯାଇଥିବା ୱାର୍କ ଅର୍ଡର ରଦ୍ଦ କରାଯିବ ଓ ପ୍ରଦାନ କରାଯାଇଥିବା ଅର୍ଥରାଶି ଆଦାୟ ନିମନ୍ତେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ୱାର୍କ ଅର୍ଡର ସହ ପ୍ରଥମ କିସ୍ତିରେ ୪୦ହଜାର ଟଙ୍କା, ଛାତସ୍ତରରେ ସ୍ଟେଟ୍ରିକାର୍ଯ୍ୟ ଶେଷ ହେବା ପରେ ଦ୍ୱିତୀୟ କିସ୍ତି ଆକାରରେ ୬୫ହଜାର ଟଙ୍କା ଓ ଗୃହନିର୍ମାଣ ଶେଷ ସହିତ ଶୌଚାଳୟ ନିର୍ମାଣ, କାନ୍ଥରେ ଲୋଗେ ଥିବା ଫଳକ ସ୍ଥାନ କରି ହିତାଧିକାରୀ ସେହି ନୂଆ ଘରେ ରହିବା ଆରମ୍ଭ କରିବା ପରେ ବାକି ଥିବା ତୃତୀୟ କିସ୍ତି ୨୫ହଜାର ଟଙ୍କା ମିଳିବ । ଏଭଳି ଭାବେ ମୋଟ ୧.୩୦ଲକ୍ଷ ଟଙ୍କା ପିଏମ୍ ଆବାସ ଯୋଜନାରେ ମିଳିବ । ଏହାସହିତ ଗୃହନିର୍ମାଣ କାର୍ଯ୍ୟ ପାଇଁ ମନରେଗା ଯୋଜନାରେ ଦୈନିକ ୨୩୭ଟଙ୍କା ହିସାବରେ ୯୫ଦିନ ପର୍ଯ୍ୟନ୍ତ ମଜୁରୀ ମିଳିବ ।

ପତ୍ନୀହନ୍ତା ଅଭିଯୁକ୍ତ ଗିରଫ: ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀକୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିଲା ସ୍ୱାମୀ

ଯାଜପୁର ରୋଡ୍ , ୨୧/୦୬ (ନି.ପ୍ର): ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ରାମଠେଙ୍ଗା ଗ୍ରାମ ନିକଟ ଜଙ୍ଗଲରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିବା ଘଟଣାରେ କଳିଙ୍ଗନଗର ପୋଲିସ ଦ୍ୱାରା ଅଭିଯୁକ୍ତ ସ୍ୱାମୀ ଗିରଫ । ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀକୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିଲା ସ୍ୱାମୀ । ଏବେ ସୈତାନ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି କଳିଙ୍ଗନଗର ପୋଲିସ । ସୂଚନାଯୋଗ୍ୟ ଯେ, ଗତ ଜୁନ ୧୫ ତାରିଖ ଦିନ ରାମଠେଙ୍ଗା ଗ୍ରାମ ନିକଟ ଜଙ୍ଗଲରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରିଥିଲା ପୋଲିସ । ପରେ ହତ୍ୟା ସନ୍ଦେହରେ ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତେବେ ଚରିତ୍ରକୁ ସନ୍ଦେହ କରି ଏହି ମହିଳାଙ୍କୁ ତାର ସ୍ୱାମୀ ବାବୁରାମ ଜାମୁଦା ତଣ୍ଟି ଚିପି ଅତି ବୀଭତ୍ସ ଭାବରେ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଥିଲା । ଏଥିସହିତ ସ୍ତ୍ରୀର ପରିଚୟ ଲୁଚାଇବାକୁ ହତ୍ୟା କରିବା ପରେ ତାଙ୍କ ମୁହଁରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲା ସୈତାନ ସ୍ୱାମୀ । ଅଭିଯୁକ୍ତ ଯୁବକ ୩ ଜଣଙ୍କୁ ବିବାହ କରିଥିବା ବେଳେ ପରକୀୟା ପ୍ରୀତି ସନ୍ଦେହରେ ତାର ଦ୍ୱିତୀୟ ସ୍ତ୍ରୀକୁ ହତ୍ୟା କରିଥିବା କଳିଙ୍ଗନଗର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଳିଙ୍ଗନଗର ଅତିରିକ୍ତ ଏସପି ସୂଚନା ଦେଇଛନ୍ତି । ତେବେ ଅଭିଯୁକ୍ତ ସ୍ୱାମୀ ବାବୁରାମକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

ରିଲାଏନ୍ସ ଫାଉଣ୍ଡେସନର ୪ ଜଣଙ୍କୁ ଏସୀୟ ଯୋଗ୍ୟତା

ଭୁବନେଶ୍ୱର, ୨୧/୦୬ (ନି.ପ୍ର): ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ ସୋମବାର ଶେଷ ହୋଇଥିବା ୬୨ତମ ଆନ୍ତଃ ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତାରେ ରିଲାଏନ୍ସ ଫାଉଣ୍ଡେସନ (ଆର୍ଏଫ୍)ର କ୍ରୀଡ଼ାବିତମାନେ ଚମତ୍କାର ପ୍ରଦର୍ଶନ କରି ୮ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୪ କାଂସ୍ୟ ସହ ମୋଟ ୨୦ ପଦକ ଜିତି ଅଭିଯାନ ଶେଷ କରିଛନ୍ତି। ଦୃଢ଼ ପ୍ରଦର୍ଶନ କରି ରିଲାଏନ୍ସ ଫାଉଣ୍ଡେସନର ସାତ ଜଣ କ୍ରୀଡ଼ାବିତ୍ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ହାସଲ କରିଥିବା ବେଳେ ୫ ଜଣ କ୍ରୀଡ଼ାବିତ୍ ଏହି ପ୍ରତିଯୋଗିତାରେ ପୂର୍ବରୁ ଥିବା ରେକର୍ଡ ଭଙ୍ଗ କରିଛନ୍ତି। ରିଲାଏନ୍ସ ଫାଉଣ୍ଡେସନ ଆଥ୍ଲେଟିକ୍ସ ହାଇ-ପରଫରମାନ୍ସ ସେଂଟରର ମୁଖ୍ୟ ପ୍ରଶିକ୍ଷକ ମାର୍ଟିନ୍ ଓଓ୍ୱେନ ଓଡ଼ିଶାର ପୁରୁଷ ଓ ମହିଳାଙ୍କ ରିଲେ ଟିମ୍ ?ର ଉଦ୍ୟମ ଓ ପ୍ରଦର୍ଶନକୁ ପ୍ରତିଯୋଗିତାର ପ୍ରମୁଖ ଆକର୍ଷଣ ଥିଲା ବୋଲି କହିଛନ୍ତି। ସେହି ଟିମ୍‌ରେ ଆର୍ଏଫ୍ ?ର ୩ ଜଣ କ୍ରୀଡ଼ାବିତ୍ ରହିଥିଲେ। ମାର୍ଟିନ୍ ଓଓ୍ୱେନ କହିଛନ୍ତି ଯେ, "ଜ୍ୟୋତି ୧୦୦ ମିଟର ଦୌଡ଼କୁ ସହଜରେ ଜିତିବା ସହ ବହୁତ ଭଲ ଶୁଭାରମ୍ଭ ହୋଇଥିଲା, କିନ୍ତୁ ଏକ ସେକେଣ୍ଡର ୪୦୦ତମ ଅଂଶ ପାଇଁ ସେ ଏସୀୟ କ୍ରୀଡ଼ା ଯୋଗ୍ୟତା ହାସଲରୁ ବଂଚିତ ହୋଇଥିଲେ। ତେବେ ସେଥିରେ ସେ ଭାଙ୍ଗି ପଡ଼ିନଥିଲେ। ଦୃଢ଼ ପ୍ରତ୍ୟାବର୍ତ୍ତନ କରି ସେ ଏସିଆନ୍ ଯୋଗ୍ୟତା ପର୍ଯ୍ୟାୟରେ ୧୦୦ ମିଟର ବାଧାଦୌଡ଼କୁ ଅତି ସହଜରେ ଜିତିଥିଲେ। ୪୦୦ ମିଟର ମହିଳା ଦୌଡ଼ରେ ସେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ରୌପ୍ୟ ପଦକ ଜିତିଥିଲେ। ଓଡ଼ିଶାର ୪୦୦ ମିଟର ରିଲେ ଟିମ୍ କାଂସ୍ୟ ପଦକ ଜିତିଥିଲେ ଯେଉଁଥିରେ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ହାଇପରଫରମାନ୍ସ ସେଂଟରର ସବିତା, ସୁଖି ଓ ବନିତା ଖେଳୁଥିଲେ।'' ସେହିଭଳି ଅମ୍ଳାନ ବର୍ଗୋହେଁ ୨୦୦ ମିଟର ଦୌଡ଼କୁ ୨୦.୭୧ ସେକେଣ୍ଡରେ ଜିତି ୨୩ ବର୍ଷ ଧରି ଅନିଲ କୁମାରଙ୍କ (୨୦.୮୦ ସେକେଣ୍ଡ) ନାମରେ ରହିଥିବା ରେକର୍ଡକୁ ଭାଙ୍ଗିଛନ୍ତି। ଶେଷ ଦିନରେ ୧୫୦୦ ମିଟର ଦୌଡ଼କୁ ୩:୪୨.୭୭ ସମୟରେ ଶେଷ କରି ଜିନ୍ସନ୍ ଜନ୍ସନ୍ ସ୍ୱର୍ଣ୍ଣ ପଦକ ଜିତିବା ସହ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ନିଜ ସମୟରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଥିବା ଜନ୍ସନ୍ କହିଛନ୍ତି ଯେ "ମୁଁ ବହୁତ ଖୁସି। ଏସୀୟ କ୍ରୀଡ଼ା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ମୋତେ କଠିନ ପରିଶ୍ରମ କରିବାକୁ ପଡ଼ିବ ଏବଂ ସମୟରେ ୨-୩ ସେକେଣ୍ଡ ଉନ୍ନତି ନିଶ୍ଚିତ ଆଣିବାକୁ ପଡ଼ିବ। ୩.୩୭ ସେକେଣ୍ଡ ଭିତରେ ଦୌଡ଼ ଶେଷ କରିବାକୁ ମୁଁ ଲକ୍ଷ୍ୟ ରଖିଛି। ତାହା ହେଲେ ମୁଁ ସବୁ ପ୍ରକାରର ଦୌଡରେ ଜିତିପାରିବି ବୋଲି ଭାବୁଛି।'' ଫାଉଣ୍ଡେସନର ଓଡ଼ିଆ କ୍ରୀଡ଼ାବିତ କିଶୋର କୁମାର ଜେନା ଜାଭେଲିନ୍ ଫୋପାଡ଼ିବାରେ

୮୨.୩୭ ମିଟରର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ରୌପ୍ୟ ପଦକ ହାସଲ କରିଥିବା ବେଳେ ଏସୀୟ କ୍ରୀଡ଼ା ପାଇଁ ମଧ୍ୟ ଯୋଗ୍ୟତା ହାସଲ କରିଛନ୍ତି। ଜ୍ୟୋତି ୟାରାଜୀ ମହିଳା ୧୦୦ ମିଟର ବାଧାଦୌଡ଼ ଓ ମହମ୍ମଦ ଅଫଜଲ୍ ପୁରୁଷ ୮୦୦ ମିଟର ଦୌଡ଼ରେ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ରେକର୍ଡ ଭାଙ୍ଗିବା ଲାଗି ପରିଚିତ ଜ୍ୟୋତି ୧୦୦ ମିଟର ବାଧାଦୌଡ଼କୁ ୧୨.୯୨ ସେକେଣ୍ଡରେ ଶ୍ରେଷ୍ଠ କରି ପ୍ରଥମ ସ୍ଥାନରେ ରହିଥିଲେ। ୧୦୦ ମିଟର ଦୌଡ଼ରେ ମଧ୍ୟ ସେ ଶ୍ରେଷ୍ଠ ସ୍ଥାନ ସହ ପୋଡିୟମ୍ ଦଖଲ କରିଥିଲେ। ଜ୍ୟୋତି ୟାରାଜୀଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍ ବିବେଚିତ ହୋଇଛନ୍ତି। ସେହିଭଳି କାର୍ତିକ କୁମାର ୧୦୦୦୦ ମିଟର ବର୍ଗରେ ସଫଳତାର ସହିତ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏସୀୟ କ୍ରୀଡ଼ା ପଦକ ଜିତିବାକୁ ଲକ୍ଷ୍ୟ ରଖିଥିବା ଅଫଜଲ୍ କହିଛନ୍ତି ଯେ, "ମୋତେ ନିଶ୍ଚିତ ରୂପେ ଏସୀୟ କ୍ରୀଡ଼ା ଓ ଏସୀୟ ପ୍ରତିଯୋଗିତା ଜିତିବାକୁ ପଡ଼ିବ। ମୋର ବିଶ୍ୱାସ ଅଛି ଯେ ମୁଁ ଜିତିପାରିବି ଓ ଜାତୀୟ ରେକର୍ଡ ଭାଙ୍ଗିପାରିବି। ମୁଁ ୧:୪୪ରେ ପହଂଚିବାକୁ ଲକ୍ଷ୍ୟ ରଖିଛି ଓ ମୋର ବିଶ୍ୱାସ ରହିଛି ଯେ ରିଲାଏନ୍ସ ସହଯୋଗରେ ମୁଁ ତାହା କରିପାରିବି।'' ରିଲାଏନ୍ସ ଫାଉଣ୍ଡେସନର କ୍ରୀଡ଼ାବିତ୍ ତେଜସ୍ ସିର୍ଜେ ପୁରୁଷ ୧୧୦ ମିଟର ବାଧାଦୌଡ଼କୁ ୧୩.୮୭ ସେକେଣ୍ଡରେ ଶେଷ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ଏଲାକିୟାଦାସନ ପୁରୁଷ ୧୦୦ ମିଟର ଦୌଡ଼କୁ ୧୦.୪୭ ସେକେଣ୍ଡ୍ରେ ଶେଷ କରି କାଂସ୍ୟ ପଦକ ଜିତିଥିବା ବେଳେ ୟମନଦୀପ ଶର୍ମା ପୁରୁଷ ଡେକାଥଲନରେ ନିଜ ବ୍ୟକ୍ତିଗତ ଶ୍ରେଷ୍ଠ ୭୧୬୫ ପଏଣ୍ଟ ହାସଲ କରି ରୌପ୍ୟ ପଦକ ଜିତିଛନ୍ତି। ଫାଉଣ୍ଡେସନର କ୍ରୀଡ଼ାବିତ ଅଭିଷେକ ଦଳବେହେରା, ଲାଲୁପ୍ରସାଦ ଭୋଇ ଓ ଡିଏମ୍ ଜୟରାମଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଓଡ଼ିଶା ପୁରୁଷ ଟିମ୍ ୪୦୦ ମିଟର ରିଲେ ଦୌଡରେ ରୌପ୍ୟ ପଦକ ହାସଲ କରିଛି। ୪୦୦ ମିଟର ରିଲେରେ ସବିତା ଟପ୍ପୋ, ବନିତା ଲାକ୍ରା ଓ ସୁଖି ବାସ୍କେ ଭଳି କ୍ରୀଡ଼ାବିତଙ୍କୁ ନେଇ ଓଡ଼ିଶା ମହିଳା ଟିମ୍ କାଂସ୍ୟ ପଦକ ହାସଲ କରିଛି। ୪୦୦ ମିଟର ପୁରୁଷ ରିଲେରେ ତାମିଲନାଡୁର ଏଲାକିୟାଦାସନ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୪୦୦ ମିଟର ମହିଳା ରିଲେରେ ଆନ୍ଧ୍ରପ୍ରଦେଶର ଜ୍ୟୋତି ରୌପ୍ୟ ପଦକ ହାସଲ କରିଛନ୍ତି।

ବାର୍ଷିକ ସାଂସ୍କୃତିକ ଉତ୍ସବ ଅଭିପ୍ସା-୨୦୨୩ ଆୟୋଜିତ

ଗଞ୍ଜାମ, ୨୧/୦୬ (ନି.ପ୍ର): ସରକାରୀ ପଲିଟେକନିକ୍, ବ୍ରହ୍ମପୁର, ପରିସରରେ 'ବାର୍ଷିକ ସାଂସ୍କୃତିକ ଉତ୍ସବ,'ଅଭିପ୍ସା-୨୦୨୩ ' ଆଜି ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଏବଂ ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ ଏଥିରେ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଉତ୍ସାହିତ କରିବା ସହିତ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ତମାନ ପ୍ରାୟ ସବୁ ଶ୍ରେଣୀର ବିଦ୍ୟାଳୟ, ମହାବିଦ୍ୟାଳୟ ଗୁଡ଼ିକର ରୂପାନ୍ତିକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ଛାତ୍ରଛାତ୍ରୀ , ଅଧ୍ୟାପକ, ଅଧ୍ୟାପିକା, ଅଭିଭାବକ, ବରିଷ୍ଠ ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

ପୁଣି ଆ



ଜ୍ୱର

ପ୍ରତ୍ୟେକ ସୁସ୍ଥ ଲୋକର ଦେହର ତାପମାତ୍ରା ୩୬୮ ଡିଗ୍ରୀ ସେଲସିୟସ ବା ୯୯.୪ଡିଗ୍ରୀ ଫାରେନହିଟ୍ । ଏହା ଦିନ ଭିତରେ ଖୁବ ବେଶୀରେ ୦.୫ ଡିଗ୍ରୀ ସେଲସିୟସ ବଦଳିପାରେ ଏଥିରୁ ଅଧିକ ତାପମାତ୍ରା ରହିଲେ ଜ୍ୱର ବୋଲି କୁହାଯାଏ । ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବାକୁ ମସ୍ତିଷ୍କର ହାଇପୋଥାଲାମସରେ ଏକ 'ଥର୍ମୋଷ୍ଟାଟ' ଅଛି ।

ଜ୍ୱରର କେତେକ ପ୍ରକାର ଏହିପରି । ଦେହରେ ତାତି ଭର୍ତ୍ତି ହୋଇଥିବ, କିନ୍ତୁ ଥର୍ମୋମିଟରରରେ ପରୀକ୍ଷା କଲେ ସବୁ ସମୟରେ ତାପମାତ୍ରା ଜଣାପଡ଼େ ନାହିଁ । ଏହାକୁ 'ହୁଲା' କୁହାଯାଏ । କେତେକ ରୋଗୀଙ୍କ ଦେହରେ ଉତ୍ତାପ ବଢ଼ିବା ପୂର୍ବରୁ କମ୍ପ ହୁଏ । ଏହାକୁ ଡାକ୍ତରୀ ଭାଷାରେ 'ରାଇଗର' କୁହାଯାଏ । ମୁଖ୍ୟତଃ ମ୍ୟାଲେରିଆ, ଭାଇରାଲ ଜ୍ୱର ପାରାସିଟାମଲ ବଟିକା ଶାଇ ଜ୍ୱର କମିଗଲା ପରେ ଦ୍ୱିତୀୟ ପାଳିରେ ଯେଉଁ ଜ୍ୱର ଆସେ ତା ପୂର୍ବରୁ କମ୍ପ ହୁଏ । ଜ୍ୱର ହୋଇ ରାତ୍ରିରେ ଅଧିକ ଝାଳ ବାହାରିଲେ ଫୁସଫୁସରେ ଯକ୍ଷ୍ମା କିମ୍ବା ଶରୀରର ଅନ୍ୟ ଅଙ୍ଗରେ ଯକ୍ଷ୍ମାରୋଗ ହୋଇଛି ବୋଲି ଡାକ୍ତରମାନେ ଅନୁମାନ କରି ପରୀକ୍ଷାନିରୀକ୍ଷା କରନ୍ତି । ଏହା ବ୍ୟତୀତ ମହିଳାଙ୍କର ରଜୋନିବୃତ୍ତି ପରେ, ଅଧିକ ମାନସିକ ଉତ୍କଣ୍ଠା, ମଦପାନ ପରେ, ମଧୁମେହ ଓ ହାଇପରଥାଇରଏଡ ରୋଗରେ ଅଧିକ ଝାଳ ବୋହିଥାଏ । ମୁଣ୍ଡବିନ୍ଧା ଭାଇରାଲ ଫିଭର, ଇନଫ୍ଲୁଏନଜା, ଟାଇଫଏଡ, ମ୍ୟାଲେରିଆ, ବାନ୍ତି, ଝାଡ଼ା, ଡିସେଣ୍ଟ୍ରି, ପରିସ୍ରା ସଂକ୍ରମଣ ଇତ୍ୟାଦି ଜ୍ୱରରେ ଏକ ପ୍ରମୁଖ ଲକ୍ଷଣ । ଆଲୋକକୁ ଚାହିଁ ନପାରିଲେ, ଅଧିକ ମୁଣ୍ଡ ବିନ୍ଧିଲେ ମସ୍ତିଷ୍କ ଜ୍ୱର ହେବାର ସମ୍ଭାବନା ଥାଏ । ଜ୍ୱରା ଯୋଗୁ ବାଉଳିଚାଉଳି ହେଲେ, ମସ୍ତିଷ୍କ ଜ୍ୱର ହୋଇପାରେ । ଶିଶୁ ଓ ବୃଦ୍ଧ ବ୍ୟକ୍ତି ଅଧିକ ଆକ୍ରାନ୍ତ ହୋଇଥାଆନ୍ତି । ଏହାକୁ 'ଡେଲିରିଅମ' କହନ୍ତି । ଜ୍ୱରରେ ମାଂସପେଶୀ ଯନ୍ତ୍ରଣା ବିଶେଷ କରି ଭାଇରାଲ ଜ୍ୱର ଓ ସେପ୍ଟିସେମିଆ ରୋଗରେ ଏହା ଅଧିକ ହୋଇଥାଏ । କେତେକ ଜ୍ୱର ବାରମ୍ବାର ଲେଉଟେ । ପିତ୍ତକୋଷରେ ପୂଜା ହେବା, ବୃକକ୍ ପ୍ରଦାହ ପେଟର ଗୁପ୍ତପୂଜ ଯୋଗୁଁ ବି ଜ୍ୱର ବାରମ୍ବାର ଲେଉଟେ । ୧୦୩ ଡିଗ୍ରୀ ଫାରେନହିଟରୁ ଜ୍ୱର ଅଧିକ ରହିଲେ ଡାକ୍ତରଙ୍କୁ ପରାମର୍ଶ କରି ନିର୍ଦ୍ଦେଶ ଅନୁସାରେ, ରକ୍ତ ଓ ପରିସ୍ରା ପରୀକ୍ଷା, ଛାତି ଏକ୍ସ-ରେ, ଆବଶ୍ୟକ ସ୍ଥଳେ ପେଟ ଅଲଟ୍ରାସାଉଣ୍ଡ ଇତ୍ୟାଦି କରିବା ଆବଶ୍ୟକ ହୁଏ ।

ସାଧାରଣ ଜ୍ୱର କାରଣ ଗୁଡ଼ିକ ହେଲେ 'ଫ୍ଲୁ' ଭାଇରସ, ପେଟଯନ୍ତ୍ରଣା, ଝାଡ଼ାବାନ୍ତି, ଗ୍ରୀଷ୍ମଋତୁରେ ହିଟ୍ ଷ୍ଟ୍ରୋକ, ତଣ୍ଟି ଦରଜ, ଟନସିଲାଇଟିସ, ଫାରିଞ୍ଜାଇଟିସ, ନିମୋନିଆ ଆଣ୍ଠୁଗଣ୍ଠି ବାତ ସହିତ ଟାଇଫଏଡ, ମ୍ୟାଲେରିଆ, ଡେଙ୍ଗୁ, ଚିକୁନଗୁନିଆ ଯକୃତ ଓ ପିତ୍ତକୋଷରେ ଯକ୍ଷ୍ମା କର୍କଟ ଇତ୍ୟାଦି । ସମସ୍ତଙ୍କ ପାଇଁ ଜ୍ୱରର ସାଧାରଣ ଚିକିତ୍ସା ଜାଣିବା ଗୁରୁତ୍ୱପୂର୍ଣ୍ଣ । ପାଣି ଫୁଟାଇ ଥଣ୍ଡାକରି ୧୦/୧୨ ଗ୍ଲାସ ପିଇବା ଭଲ । ଅଳ୍ପ ଅଳ୍ପ ଉଷୁମପାଣିରେ ଅଦା ଗୋଲମରିଚ ପକାଇ ପିଇଲେ । ଯନ୍ତ୍ରଣା କମିଯାଏ । ମଦ, କଫି, ଚାର ପିଇଲେ ଦେହରୁ ଜଳୀୟ ଅଂଶ କମିଯାଏ । ଦୁର୍ବଳତା ବଢ଼େ । ସାଧାରଣ ଜ୍ୱରରେ କୌଣସି କଷ୍ଟ କିମ୍ବା ଅସୁବିଧା ନଥିଲେ ଔଷଧ ଖାଇବା ଆବଶ୍ୟକ ନାହିଁ । ସାଧାରଣରୁ ଅଧିକ ଜ୍ୱରରେ ଉତ୍ତାପ ଓ ବିନ୍ଧା କମାଇବା ପାଇଁ ପାରାସିଟାମଲ, ଆଇବୁପ୍ରୋଫେନ, ନାପ୍ରୋକ୍ସେନ ଭଳି ଔଷଧ ଖାଇବାକୁ ଦିଆଯାଏ । ଆସ୍ପିରିନ ବଟିକାରେ ଉତ୍ତାପ କମୁଥିଲେ ମଧ୍ୟ ଏହା କେବଳ ବୟସ୍କ ଲୋକଙ୍କ ପାଇଁ ଉଦ୍ଦିଷ୍ଟ । ଡାକ୍ତରଙ୍କ ବିନା ପରାମର୍ଶରେ ଶିଶୁ କିଶୋରଙ୍କୁ କସ୍ମିନ କାଳେ ଆସ୍ପିରିନ ବଟିକା ଖାଇବାକୁ ଦେବା ଉଚିତ ନୁହେଁ ।

ମୃତ ସାଗର

ସମସ୍ତେ ସମୁଦ୍ରରେ ପହଁରି ମଜା ନେବାକୁ ପନସନ୍ଦ କରିଥାନ୍ତି । ଯେଉଁମାନେ ପହଁରିବା ଜାଣି ନାହାନ୍ତି ସେମାନେ ମଧ୍ୟ ଲାଇଫ୍ କ୍ୟାକେଟର ସାହାଯ୍ୟରେ ଏହାର ମଜା ନେଇଥାନ୍ତି । ଆଜି ଆମେ ଆପଣଙ୍କୁ ଏମିତି ଏକ ସମୁଦ୍ର ବିଷୟରେ କହିବୁ ଯେଉଁଠୀ ବିନା ଲାଇଫ କ୍ୟାକେଟରେ ମଧ୍ୟ ଏହାର ମଜା ଉଠାଇ ପାରିବେ । ଜର୍ଡାନ୍ ଓ ଇସ୍ରାଏଲ ମଧ୍ୟରେ ଏକ ପ୍ରସିଦ୍ଧ ସମୁଦ୍ର ରହିଛି, ଯାହାକୁ 'ଡେଡ୍ ସି' ବା 'ସଲ୍ଟ ସି' କୁହାଯାଏ । ଏହି ସମୁଦ୍ରରେ ଲୁଣର ମାତ୍ରା ବହୁତ ଅଧିକ । ଏହାର ପାଣି ଏତେ କ୍ଷାରୀୟ ଯେ, ଏଥିରେ କୌଣସି ଗଛ କିମ୍ବା ଜୀବ ନାହାନ୍ତି । ଏହି କାରଣରୁ ଲୋକେ ମାନେ ସମୁଦ୍ରର ପାଣିରେ ପହଁରିବାକୁ ପସନ୍ଦ କରନ୍ତି । ଏହି ସମୁଦ୍ରକୁ ସବୁଠାରୁ ଗଭୀର କ୍ଷାରୀୟ ପାଣିରେ ହ୍ରଦ ବୋଲି ମଧ୍ୟ କୁହାଯାଏ । ଏହି ପାଣିରେ ମନେରାଲର ମାତ୍ରା ଅଧିକ ଥିବାରୁ ଏହା ସ୍ୱାସ୍ଥ୍ୟ ବହୁତ ଲାଭଦାକ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଡେଡ୍ ସି ରୋ ଗାଧୋଇବା ଦ୍ୱାରା ସବୁ ରୋଗ ଦୂର ହୋଇଯାଏ ଏଥିପାଇଁ ଏହି ସମୁଦ୍ରକୁ ଅନେକ ଲୋକ ବିଶ୍ୱାସ କରନ୍ତି ।

ଉଦ୍ଭିଦ ଫଳର ଉପକାରିତା

ନିମ ଗଛ ସ୍ୱାସ୍ଥ୍ୟ ସହ ସମ୍ବନ୍ଧିତ ଅନେକ ରୋଗର ନିବାରଣ ଦିଗରେ ସହାୟକ । ଭାରତୀୟ ସଂସ୍କୃତିରେ ନିମର ବ୍ୟବହାର ବହୁ ପୁରାତନ କାଳରୁ ହୋଇଆସୁଛି । ଖରାଦିନେ ନିମ ବ୍ୟବହାରର ରହିଛି ଭିନ୍ନ ମହତ୍ତ୍ୱ । ଆୟୁର୍ବେଦରେ ମଧ୍ୟ ଏହାର ସ୍ଥାନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ୱୀକାର କରାଯାଇଛି । ନିମ ଅନେକ ରୋଗର ନିରାକରଣ ଦିଗରେ ବ୍ୟବହାର କରାଯାଏ । ଲୋକେ ଅସହ୍ୟ ଗରମରୁ ରକ୍ଷା ପାଇବାକୁ ନିମ ଗଛ ତଳେ ବସି ଶରୀରକୁ ଶୀତଳ କରିଥାନ୍ତି । ଏମିତିରେ ତ ଦେଖିବାକୁ ଗଲେ ନିମର ଅନେକ ଫାଇଦା ରହିଛି; କିନ୍ତୁ ଏହାର ଫଳ ଯେ ଆହୁରି ଲାଭଦାୟକ ଏହା କ୍ୱଚିତ ଲୋକଙ୍କୁ ଜଣାଥିବ । ନିମ ବୀଜରେ ଔଷଧୀୟ ଗୁଣ ଭରପୁର ରହିଛି । ନିମ ବୀଜ ଏବଂ ପତ୍ରରୁ ତିଆରି ଚା ପିଇଲେ ସ୍ୱାସ୍ଥ୍ୟ ଉପରେ ବେଶ ଉତ୍ତମ ପ୍ରଭାବ ପଡ଼ିଥା, । କିହନୀ ଏବଂ ପୋଷ୍ଟେଟ ସହ ଜଡ଼ିତ ବିଭିନ୍ନ ସମସ୍ୟା ନିମିଷକେ ଦୂର ହୋଇଥା, । ଚାମ୍ପା ପିଇବା କଷ୍ଟକର ହୋଇପାରେ; କିନ୍ତୁ ରୋଗ ଦୂର କରିବା ବେଶ ସହଜ । ନିମ ବୀଜ କେଶ ସହ ଜଡ଼ିତ ବିଭିନ୍ନ ସମସ୍ୟାରୁ ମଧ୍ୟ ରକ୍ଷାକରେ । ଯଦି କେଶ ବାରମ୍ବାର ଝଡୁଥାଏ, ତେବେ ନିମ ଫଳକୁ ବାଟି କେଶ ମୂଳରେ ଲଗାଇଲେ

ତୁରନ୍ତ ସମସ୍ୟାର ସମାଧାନ ହେବ । ନିମ ଫଳରେ ଆଣ୍ଟି ପରାସିଟିକ, ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଫଙ୍ଗଲ ଭଳି ଗୁଣ ଭରିରହିଛି, ଯାହା କେଶକୁ ବିଭିନ୍ନ ପ୍ରକାର ସଦଦଂକ୍ରମଣରୁ ରକ୍ଷାକରେ । ଏହାଛଡ଼ା ନିମ ଫଳରେ ପ୍ରୋଟିନ, ଭିଟାମିନ ସି ଏବଂ କେରୋଟିନ ଭଳି ତତ୍ତ୍ୱ ସାମିଲ ରହିଛି । ନିମ ଫଳରୁ ତିଆରି ତେଲରେ ଆଣ୍ଟି ଏଜିଙ୍ଗ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଥା. ଯାହା ବୟସ ବୃଦ୍ଧିକୁ ଲଚାଇବା ସହ ତ୍ୱଚାର ଚମକ ବଜାୟ ରଖେ । କେବଳ ସେତିକି ନୁହେଁ, ନିମ ଫଳକୁ ବାଟି ଘର ଚାରିଆଡ଼େ ଛିଞ୍ଚିଲେ ମଶାଙ୍କ ପ୍ରଭାବ ଦୂର ହୋଇଥାଏ ।

ସ୍ମୃତିଶକ୍ତି ଦୁର୍ବଳ କରାଏ ମେଦବହୁଳତା

ମୋଟାପଣ ବା ମେଦବହୁଳତାର ଶିକାର ହେଲେ ମଧୁମେହ, ହୃଦରୋଗ, ରକ୍ତଚାପ, ଦୁଶ୍ଚିନ୍ତା ବ୍ୟଗ୍ରତା ଭଳି ସମସ୍ୟା ପୁଜିବା ଆମେ ଜାଣୁ । ମାତ୍ର ଏହାଦ୍ୱାରା ସ୍ମୃତିହୀନତା ଭଳି ଜଟିଳ ମାନସିକ ସମସ୍ୟାରେ ପଡ଼ିବାରେ ଆଶଙ୍କା ମଧ୍ୟ ରହିଛି । ମେଦବହୁଳତା ଭୋଗୁଥିବା ଲୋକେ ଥରେ ସ୍ମୃତିହୀନତାର ଶିକାର ହେଲେ, ଅତୀତର ଘଟନା ଦୁର୍ଘଟଣା, ଏପରିକି ଦିନକ ପୂର୍ବରୁ ଖାଇଥିବା ଖାଦ୍ୟ କଥା ମଧ୍ୟ ସହଜରେ ମନେ ପକାଇପାରନ୍ତି ନାହିଁ । ନିଷ୍ପତ୍ତି ନେବା, ସମସ୍ୟାର ସମାଧାନ କରିବା, ଭୁଲ୍ ଠିକ୍ ବିଚାର କରିବା କଷ୍ଟକର ହୁଏ । 'ଏକ୍ସପେରିମେଣ୍ଟାଲ ସାଇକୋଲୋଜି' ପତ୍ରିକାରେ ଏ ସମ୍ପର୍କରେ ଏକ ଅଧ୍ୟୟନମୂଳକ ରିପୋର୍ଟ ପ୍ରକାଶ ପାଇଛି ।



ଅପେକ୍ଷା କରିଛି ଖାଦ୍ୟ ଉଦ୍ୟୋଗ

ସ୍ୱାଦିଷ୍ଟ ଖାଦ୍ୟ ଦେଖିଲେ କାହାର ବା ଆଗ୍ରହ ନ ବଢ଼ିବ ! କେବଳ ଖାଇବା ନୁହେଁ, ଏ କ୍ଷେତ୍ରରେ ନିଜର କ୍ୟାରିୟର ମଧ୍ୟ ଗଢ଼ିପାରିବେ । ପାରମ୍ପରିକ ଧାରାରୁ ବାହାରି ଏଥିପ୍ରତି ଦୃଷ୍ଟି ଦିଅନ୍ତୁ । ସ୍ୱାଦିଷ୍ଟ ସ୍ୱାଗତ କରିବ । ଷ୍ଟାଟିଷ୍ଟାଂର ଏକ ରିପୋର୍ଟ ଅନୁସାରେ ଗତବର୍ଷ ଦେଶରେ ଖାଦ୍ୟ ଉଦ୍ୟୋଗର ଆକାର ପ୍ରାୟ ୨୫.୯୯ ବିଲିଅନ ଡଲାର ପାଖାପାଖି ରିଥିବା ବେଳେ ଆଗାମୀ କିଛିବର୍ଷ ମଧ୍ୟରେ ଏହା ୪୫.୯୭ ବିଲିଅନ ଡଲାରକୁ ଛୁଇଁବ ବୋଲି ଆଶା କରାଯୁଛି । ତେଣୁ ଏ କ୍ଷେତ୍ରରେ କ୍ୟାରିୟର ଗଢ଼ିବାର ସୁଯୋଗ ମଧ୍ୟ ସେହିପରି ବ୍ୟାପକ ହୋଇପାରିବ । କୌଣସି ତାରକା ହୋଟେଲରେ ସେଫ ହେବା ବ୍ୟତୀତ ଖାଦ୍ୟ ପ୍ରକ୍ରିୟାକରଣ, ମାନ ପରୀକ୍ଷଣ, ପ୍ୟାକେଜିଂ, ମାର୍କେଟିଂ ପରି କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିବେ । ଖାଦ୍ୟ ଉଦ୍ୟୋଗରେ ନିଯୁକ୍ତି ସୁଯୋଗ ଦେଇପାରୁଥିବା କେତେକ ଦିଗ ସମ୍ପର୍କରେ ଜାଣନ୍ତୁ । ଫୁଡ୍ କ୍ରିଟିକ: ଖାଦ୍ୟପ୍ରିୟ ବ୍ୟକ୍ତିଙ୍କ ଲାଗି ଏହା କ୍ୟାରିୟର ଗଢ଼ିବାର ଏକ ଭଲ ବିକଳ୍ପ । ଏଥିରେ ଦେଶର ଭିନ୍ନଭିନ୍ନ ସ୍ଥାନକୁ ଯାଇ ସେଠାକାର ସ୍ଥାନୀୟ ଖାଦ୍ୟର ସ୍ୱାଦ, ସୁଗନ୍ଧ, ଗୁଣବତ୍ତା ସମ୍ପର୍କରେ ପରଖିବା ସହିତ ଏହି ଅନୁଭୂତିକୁ ଆଲୋଖ୍ୟ କିମ୍ବା ଭିଡିଓ ମାଧ୍ୟମରେ ସାଧାରଣ ଲୋକଙ୍କ ସହ ସେୟାର କରିବାକୁ ହୋଇଥାଏ ।

ଶିକ୍ଷାଗତ ଯୋଗ୍ୟତା:-

ଖାଦ୍ୟପ୍ରିୟ ହେବା ସହିତ ବିଭିନ୍ନ ପ୍ରକାର ଖାଦ୍ୟସାମଗ୍ରୀ, ଫ୍ଲେଭର ତଥା ଅନ୍ୟାନ୍ୟ ଉପାଦାନ ସମ୍ପର୍କରେ ଧାରଣା ରହିବା ଜରୁରୀ । ହେଟେଲ ମ୍ୟାନେଜମେଣ୍ଟ ତଥା କୁଲିନାରୀ ଆର୍ଟରେ ସ୍ନାତକ ହାସଲ କରିପାରନ୍ତି । ଲେଖିବା ଶୈଳୀକୁ ଉନ୍ନତ କରିବା ସହିତ ଇଂରାଜୀ ସାହିତ୍ୟ ଏବଂ ଗଣଯୋଗାଯୋଗ ପାଠ୍ୟକ୍ରମରେ ଶିକ୍ଷାଲାଭ କରିବା ସହାୟକ ହୋଇଥାଏ ।

ନିଯୁକ୍ତି ସୁଯୋଗ:-

ବଡ଼ ବଡ଼ ରେଷ୍ଟୋରାଁ, କାଫେ ହୋଟେଲ ଆଦି ନିଜ ପ୍ରସ୍ତୁତ ଖାଦ୍ୟର ସମୀକ୍ଷା ଲାଗି ଖାଦ୍ୟ ସମୀକ୍ଷକଙ୍କୁ ଆମନ୍ତ୍ରଣ କରନ୍ତି । ଏହା ବ୍ୟତୀତ ବୈଦ୍ୟୁତିକ ଏବଂ ମୁଦ୍ରଣ ଗଣମାଧ୍ୟମ ସହିତ ଖାଦ୍ୟ ସଂକ୍ରାନ୍ତ ୱେବସାଇଟରେ ବି ନିଜ ସମୀକ୍ଷା ଉପସ୍ଥାପନ କରିପାରିବେ ।

ଫୁଡ୍ ବ୍ଲଗର:-

କୌଣସି ଭଲ ରେଷ୍ଟୋରାଁ ଖୋଜୁଥିଲେ କିମ୍ବା ଅନଲାଇନରେ ଖାଦ୍ୟ ଅର୍ଡର କରିବାକୁ ଚାହୁଁଥିଲେ ପ୍ରଥମେ ଅନ୍ୟ ଭିଜିଟରମାନଙ୍କ ସମୀକ୍ଷାକୁ ଅନଲାଇନରେ ପରଖିଥାନ୍ତି । ଏଗୁଡ଼ିକ ମଧ୍ୟରୁ ଏକାଧିକ ଫୁଡ ବ୍ଲଗର୍ସ ଲେଖିଥାନ୍ତି । ନିଜ ସହର ତଥା ଦେଶଦୁନିଆର ବିଭିନ୍ନ ସ୍ଥାନ ବୁଲି ସେଠାକାର ଦର୍ଶନୀୟ ସ୍ଥାନ ଏବଂ ସ୍ୱତନ୍ତ୍ର ଖାଦ୍ୟ ସମ୍ପର୍କରେ ଲୋକଙ୍କୁ ଜଣାଇବା ସେମାନଙ୍କ ସଉକ ହୋଇଥାଏ । ଫୁଡ ବଲଗିଙ୍ଗ ଏବକାର ଯୁବପିଢ଼ି ମଧ୍ୟରେ ଏକ ପସନ୍ଦଯୋଗ୍ୟ ପେସା ପାଲଟିଛି ।

ଶିକ୍ଷାଗତ ଯୋଗ୍ୟତା:

ଏଥିପାଇଁ କୌଣସି ବିଶେଷ ପାଠ୍ୟକ୍ରମ ନଥିଲେ ବି ଫଟୋଗ୍ରାଫି, ଆଲେଖ୍ୟ ପ୍ରସ୍ତୁତ କରିବା, ବ୍ଲଗିଙ୍ଗ ସହିତ ସୋସିଆଲ ମିଡିଆ ପରିଚାଳନା ଓ ଏଥିସହ ଜଡ଼ିତ ବିଭିନ୍ନ କୌଶଳ ଜାଣିବା ଲାଗି ସ୍ୱତନ୍ତ୍ର ଶିକ୍ଷା ହାସଲ କରିପାରନ୍ତି । ଡିଜିଟାଲ ମାର୍କେଟିଂ ଏବଂ ୱେବ୍ ଡିଜାଇନିଂ ଶିଖିବା ମଧ୍ୟ ଭଲ ।

ନିଯୁକ୍ତି ସୁଯୋଗ:-

ଅଧିକାଂଶ ଫୁଡ ବ୍ଲଗର ନିଜସ୍ୱ ବ୍ଲଗରେ ଲେଖୁଥିବା ବେଳେ ଖାଦ୍ୟ ଏବଂ ଜୀବନ ଶୈଳୀ ସଂକ୍ରାନ୍ତ ପ୍ରତିଷ୍ଠିତ ୱେବସାଇଟଗୁଡ଼ିକରେ ବି ଏମାନଙ୍କୁ ପୂର୍ଣ୍ଣ ସମୟ ଆଂଶିକ ସମୟ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଥାଏ ।

ନ୍ୟୁଟ୍ରିସନିଷ୍ଟ:-

ଜଣଙ୍କର ବୟସ୍କ ଓଜନ ଉଚ୍ଚତା ଏବଂ ଲିଙ୍ଗ ଅନୁଯାୟୀ ତାଙ୍କ ପାଇଁ ସଠିକ୍ ଖାଦ୍ୟ ଏବଂ ପୋଷକ ତତ୍ତ୍ୱ ନିର୍ଦ୍ଧାରଣ କରିବା ଲାଗି ନ୍ୟୁଟ୍ରିସପିଷ୍ଟ ବା ପୋଷକ ତତ୍ତ୍ୱ ବିଶେଷଜ୍ଞ ଆବଶ୍ୟକ ହୋଇଥାନ୍ତି । ଏବେ ଦିନକୁ ଦିନ ଜୀବନଶୈଳୀ ସଂକ୍ରାନ୍ତ ରୋଗ ବଢ଼ି ଚାଲିଥିବାରୁ ଏଭଳି ବିଶେଷଜ୍ଞଙ୍କ ପରାମର୍ଶ ବେଶୀ ଦରକାର ହେଉଛି ।

ଶିକ୍ଷାଗତ ଯୋଗ୍ୟତା:-

ହୋମସାଇନ୍ସ, ନ୍ୟୁଟ୍ରିସନ କିମ୍ବା ଫୁଡ ଟେକନୋଲୋଜିରେ ସ୍ନାତକ କରିବା ପରେ ନ୍ୟୁଟ୍ରିସନ କିମ୍ବା ଫୁଡ ଟେକନୋଲୋଜିରେ ସ୍ନାତକ କରିବା ପରେ ନ୍ୟୁଟ୍ରିସନ ଆଣ୍ଡ ଡାୟାବେଟିକ୍ସରେ ସ୍ନାତକତ୍ତୋର ହାସଲ କରିବାକୁ ହୁଏ । ଏହା ସହିତ କଣ୍ଟର୍ଣ୍ଣସିପ୍ ସମ୍ପୂର୍ଣ୍ଣ କରିବା ସହ ଆଇଡିଏର ଲାଇସେନ୍ସ ଲାଗି ହେଉଥିବା ପରୀକ୍ଷା ପାସ କରିବା ଜରୁରୀ ।

ନିଯୁକ୍ତି ସୁଯୋଗ:-

ପୋଷକ ତତ୍ତ୍ୱବିଶେଷଜ୍ଞ ଭାବେ ପେଡିଆଟ୍ରିକ ନ୍ୟୁଟିସନ ସେଣ୍ଟର, ବେସରକାରୀ ଚିକିତ୍ସାକେନ୍ଦ୍ର, ବୃଦ୍ଧାଶ୍ରମ, ସ୍ପୋର୍ଟସ କ୍ଲବ୍, ଜିମ, ସ୍ଲିମିଂ ସେଣ୍ଟର ଆଦିରେ କ୍ୟାରିୟର ଗଢ଼ିପାରିବେ ।

ଫ୍ଲେଭର କେମିଷ୍ଟ :-

ବଜାରରେ ଉପଲବ୍ଧ ବିଭିନ୍ନ ଖାଦ୍ୟ ସାମଗ୍ରୀ ଭିନ୍ନଭିନ୍ନ ସ୍ୱାଦ, ଯଥା- ଅରେଞ୍ଜ ଫ୍ଲେଭର ଷ୍ଟ୍ରବେରୀ ଫ୍ଲେଭର ଆଦିରେ ମିଳିଥାଏ । ଏହାକୁ ପ୍ରସ୍ତୁତ କରିବା ଲାଗି ଫ୍ଲେଭର କେମିଷ୍ଟ ଦରକାର ହୁଅନ୍ତି । ଏମାନେ ମୂଳ ସ୍ୱାଦ ଦେଇପାରୁଥିବା ତତ୍ତ୍ୱକୁ ଠାବ କରି ପ୍ରସ୍ତୁତ କରୁଥିବା ଖାଦ୍ୟରେ ଏହାକୁ ମିଶାଇ ଦିଅନ୍ତି । ଫଳରେ ଖାଦ୍ୟର ସ୍ୱାଦ ବଦଳିଯାଏ ।

ଶିକ୍ଷାଗତ ଯୋଗ୍ୟତା:-

ଏଥିପାଇଁ କେମିଷ୍ଟ୍ରି ବାୟୋକେମିଷ୍ଟ୍ରି କିମ୍ବା ଫୁଡ ସାଇନ୍ସରେ ସ୍ନାତକ ତଥା ସ୍ନାତକୋତ୍ତର ଉପାଧି ହାସଲ କରିବାକୁ ହୋଇଥାଏ । ଏହା ବ୍ୟତୀତ ସ୍ୱାଦ ଏବଂ ସୁଗନ୍ଧ କରିବାରେ ବିଶେଷ ଦକ୍ଷତା ରହିଥିବା ଜରୁରୀ ।

ନିଯୁକ୍ତି ସୁଯୋଗ:-

ବିଭିନ୍ନ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ, ଚା, କଫି, ଏବଂ ପାନୀୟ ପ୍ରସ୍ତୁତକାରୀ ଉଦ୍ୟୋଗ ଗୁଡ଼ିକରେ ନିଯୁକ୍ତି ମିଳିପାରେ । ଏହା ସହିତ ଔଷଧ , ପ୍ରସାଧନ ସାମଗ୍ରୀ ଏବଂ ପଶୁଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ବି ଫ୍ଲେଭର କେମିଷ୍ଟ ଆବଶ୍ୟକ କରିଥାନ୍ତି ।

ଘଣ୍ଟା ଚଢ଼ାଇଲେ ପୂରଣ ହୁଏ ମନୋବାଞ୍ଛା

ଆମ ଦେଶରେ ଏମିତି ଅନେକ ମନ୍ଦିର, ଦରଗାହ, ମଜାର ରହିଛି, ଯେଉଁଠାରେ ଲୋକମାନେ ନିଜ ମନୋବାଞ୍ଛା ପୂରଣ ପାଇଁ ବିଭିନ୍ନ ଜିନିଷ ଦେଇଥାନ୍ତି । ଏମିତି ଏକ ମଜାର ରହିଛି, ଯେଉଁଠାରେ ମନୋବାଞ୍ଛା ପୂରଣ ହେଲେ ଦେବାକୁ ପଡ଼େ ଘଣ୍ଟା । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ବହୁ ଲୋକ ନିଜର ଇଚ୍ଛା ପୂରଣ ପାଇଁ ଏହି ମଜାରରେ ଘଣ୍ଟା ଚଢ଼ାଇଥାନ୍ତି । ଏହି ମଜାର ରହିଛି ପଞ୍ଜାବ-ହରିଆନା ସୀମାରେ ଥିବା ଶାହବାଦ ନିକଟରେ । ଏହା ବାବା ସୟଦନ ଇବ୍ରାହିମଙ୍କ ୯ଗଜର ମଜାର, ଯାହାର ଲମ୍ବା ୩୪ ଇଞ୍ଚ ହୋଇଥିବାବେଳେ ଚଉଡ଼ା ୧୫ଇଞ୍ଚ । ମାନ୍ୟତା ରହିଛି ଯେ ୧୫୦୦ବର୍ଷ ପୂର୍ବେ ହରିଆନାର ଶାହବାଦ ଜିଲ୍ଲାରେ ଜଣେ ପୀରବାବା ରହୁଥିଲେ । ତାଙ୍କ ପାଖରେ ବହୁ ଚମତ୍କାରୀ ଶକ୍ତି ରହିଥିଲା, ସେ ଲୋକମାନଙ୍କର ଭଲ ପାଇଁ ଚମତ୍କାରୀ ଶକ୍ତିର ବିନିଯୋଗ କରୁଥିଲେ । ତେଣୁ ଲୋକମାନେ ତାଙ୍କୁ ସନ୍ମାନ ଭାବରେ ଗ୍ରହଣ କରିଥିଲେ । ତାଙ୍କର ଉଚ୍ଚତା ୮ଫୁଟ୍ ଥିଲା । ମୃତ୍ୟୁ ପରେ ତାଙ୍କର ମଜାର ନୌଦାରା ପୋଲ ତଳେ କରାଯାଇଥିଲା । ପରେ ସରକାର ଏହାକୁ ଦାର୍ଶନିକ ସ୍ଥଳ ଭାବେ ଘୋଷଣା କରିଥିଲେ । ଏହାର ଠିକ୍ ସାମନାରେ ରହିଛି ଏକ ଶିବ ମନ୍ଦିର ।

ଅଲିଗଢ଼ର ବିଶେଷତ୍ୱ

ଅନ୍ୟ ସହରର ଇତିହାସ ପରି ଅଲୀଗଢ଼ ସହରର ଇତିହାସ ମଧ୍ୟ ରହିଛି । ବିଭିନ୍ନ କାରୀଣରୁ ଲୋକେ ଅଲିଗଢ଼କୁ ମନେପକାନ୍ତି । କିନ୍ତୁ ଏ ସହର ମୁଖ୍ୟଭାବେ ଦୁଇଟି କାରଣ ପାଇଁ ପ୍ରସିଦ୍ଧ । ତାଲା ଯାହା ଘରକୁ ସୁରକ୍ଷା ଦିଏ । ଅଲୀଗଢ଼ରେ ତାଲା ଏକ ବିଶେଷ ଟେକନିକରେ ତିଆରି କରାଯାଏ ଯାହା ପାଇଁ ଅଲୀଗଢ଼ ତାଲା ବେଶ୍ ଜଣାଶୁଣା । ଏଠାରେ ତିଆରି ହେଉଥିବା ତାହାଲା ପ୍ରସିଦ୍ଧ ହେବାର ପ୍ରଧାନ କାରଣ ଏହାର ମଜଭୁତ କୁନ୍ଦା । ବଜାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଉଷ୍ମତାର ଦୌରାତ୍ମ୍ୟ...

ସମ୍ବାଦପତ୍ରମାନଙ୍କରେ ପ୍ରକାଶ ପାଇଛି- ଅତ୍ୟଧିକ ଗରମ ଓ ଗୁଳୁଗୁଳି ଉତ୍ତରପ୍ରଦେଶ ଓ ବିହାରରେ ବର୍ତ୍ତମାନ ସୁଦ୍ଧା ହାରାହାରି ୧୦୦ ଲୋକଙ୍କ ପ୍ରାଣ ନେଇ ସାରିଲାଣି । ଏହି ସଂଖ୍ୟା ଯେ ଅଧିକ ନହେବ, ତା'ର କିଛି ନିଶ୍ଚିତତା ନାହିଁ । ଏବେ ଆଷାଢ଼ ମାସର ଅଧାରୁ ଅଧିକ ଦିନ ବିତି ସାରିଛି; କିନ୍ତୁ ବର୍ଷାର ଦେଖା ନାହିଁ । ଓଲଟା ସାରା ଦେଶର ବହୁ ଭାଗରେ ଗ୍ରୀଷ୍ମ ଲହରୀ ଚାଲିଛି; ଅଧିକାଂଶ ରାଜ୍ୟର ବହୁ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି । ଉପରୋକ୍ତ ଦୁଇ ରାଜ୍ୟରେ ଯେଉଁ ଲୋକମାନେ ଉତ୍ତାପ-ସମ୍ପର୍କିତ ମୃତ୍ୟୁର ଶିକାର ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ହାରାହାରି ୫୦ ଲୋକଙ୍କଠାରେ ଏଭଳି ଲକ୍ଷଣମାନ ପ୍ରକାଶ ପାଇଥିଲା, ଯାହା ଡାକ୍ତରମାନଙ୍କୁ ବିଶ୍ୱାସ କରିବାକୁ ବାଧ୍ୟ କରିଥିଲା ଯେ ଅତ୍ୟଧିକ ଉତ୍ତାପ ଏବଂ ଗୁଳୁଗୁଳି ସେମାନଙ୍କର ଅସୁସ୍ଥତାକୁ ସାଂଘାତିକ କରି ଦେଇଥିଲା, ଯାହା ଜୀବନ ହାନିର କାରଣ ପାଲଟିଲା । ଉତ୍ତାପ ସହିତ ସଂଯୁକ୍ତ ଅସୁସ୍ଥତାରେ ଆକ୍ରାନ୍ତ ଅଧିକ ସଂଖ୍ୟକ ଲୋକ ଆହୁରି ସେହିସବୁ ଅଞ୍ଚଳରୁ ଆସିବାର ସମ୍ଭାବନା ରହିଛି । ଏସବୁ ଚେତାଇ ଦେଉଛି ଯେ ଆସନ୍ତା କେତେ ଦଶନ୍ଧି ଭିତରେ ବିଶ୍ୱ ତାପାୟନ ଏବଂ ଜଳବାୟୁରେ ପରିବର୍ତ୍ତନ ଯୋଗୁଁ ଭାରତ କିପରି ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକର ସାମ୍ନା କରିବାକୁ ଯାଉଛି ଏବଂ ଏଥିପାଇଁ ଏହାକୁ ନିଜକୁ ଏବେଠୁ ପ୍ରସ୍ତୁତ ରହିବାକୁ ପଡ଼ିବ । କର୍ତ୍ତୃପକ୍ଷମାନେ ଉପରୋକ୍ତ ପ୍ରାଣହାନିଗୁଡ଼ିକ ପଛରେ ଥିବା କାରଣଗୁଡ଼ିକୁ ସଂକ୍ଷେପରେ ଖୋଜିବା ଜାରି ରଖିଥିବା ବେଳେ ଏହା ସ୍ପଷ୍ଟ ହୋଇ ଯାଇଛି ଯେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧିକ ବ୍ୟବସ୍ଥାଗତ ପରିବର୍ତ୍ତନ ଅଣାଯିବାର ମଧ୍ୟ ଆବଶ୍ୟକତା ରହିଛି, କାରଣ ଏଭଳି ବିପଦଗୁଡ଼ିକ ଆଗାମୀ ଦିନମାନଙ୍କରେ ଅଧିକରୁ ଅଧିକ ଦେଖାଯିବାର ସମ୍ଭାବନା ରହିଛି। ଉତ୍ତାପ କିପରି ପ୍ରାଣ ନେଇଥାଏ ? ଅତ୍ୟଧିକ ତାପମାତ୍ରା ଶରୀରରୁ ଆର୍ଦ୍ରତା ଏବଂ ଶକ୍ତିକୁ ଶୋଷିନିଏ, ଏବଂ ଦ୍ରୁତ ଗତିରେ ଶରୀରରୁ ଜଳୀୟ ଅଂଶ କମିଯିବା ଫଳରେ ମୁଣ୍ଡ ବୁଲାଇବା, ଅରୁଚି ଲାଗିବା ଏବଂ ଝାଇଁ ମାରିଯିବା ବା ନିସ୍ତେଜ ହୋଇ ପଡ଼ିବାର ଅବସ୍ଥା ସୃଷ୍ଟି ହୋଇଥାଏ। ଶାରୀରିକ ଅବସନ୍ନତା, ପରିଶ୍ରମ ଏବଂ ଶୀତଳତା ପାଇବାର ଅଭାବ ଏହି ଅବସ୍ଥାକୁ ଅଧିକ ବିଗାଡ଼ି ଦେଇଥାଏ, ଠିକ୍ ଯେମିତି ଗୁଳୁଗୁଳି ମଧ୍ୟ କରିଥାଏ । ଅର୍ଥାତ୍ ମୋଟାମୋଟି ଶରୀର କ୍ଳାନ୍ତ ଓ ଅବସନ୍ନ ହୋଇ ଭାଙ୍ଗି ପଡ଼ିବା ଅବସ୍ଥାକୁ ଆସି ଯାଇଥାଏ । ପ୍ରାୟତଃ ନିମ୍ନ-ଆୟକାରୀ ପରିବାର, ବାସହୀନ, ବୟସ୍କ ଏବଂ ଶାରୀରିକ ଦୁର୍ବଳ ଲୋକମାନେ ଏହି ଅବସ୍ଥା ପ୍ରତି ବେଶୀ ପରିମାଣରେ ଉନ୍ମୁଖ ହୋଇଥାନ୍ତି । ତେଣୁ ଆଗାମୀ ସମୟରେ ଏହାର ଏକ ବିଶାଳ ଅଂଶ କେବଳ ଅକଳ୍ପନୀୟ ତାପମାତ୍ରା ପ୍ରତି ଉନ୍ମୁଖ ହେବନାହିଁ, ବରଂ ଜଳବାୟୁରେ ଘନ ଘନ ପରିବର୍ତ୍ତନ ଓ ତାପମାତ୍ରାର ଆଧିକ୍ୟ ବାଧ୍ୟ କରିବ ଦେଶକୁ ଏକ ଜାତୀୟ ନୀତି ପ୍ରଣୟନ କରିବାକୁ ପରିସ୍ଥିତିର ମୁକାବିଲା କରିବା ନିମନ୍ତେ। ଚଳିତ ବର୍ଷ ଏଇ ମାତ୍ର କିଛି ମାସ ପୂର୍ବେ ମହାରାଷ୍ଟ୍ରରେ ଏକ ଅତ୍ୟନ୍ତ ଜନଗହଳିପୂର୍ଣ୍ଣ ସ୍ଥାନରେ କିଛି ଲୋକଙ୍କର ଅସହ୍ୟ ଗରମ ଫଳରେ ମୃତ୍ୟୁବରଣ କରିବା ସମଗ୍ର ଦେଶ ପାଇଁ କଠୋର ଶିକ୍ଷା ଆଣି ଦେଇଛି । ବିଶ୍ୱର ଅଧିକାଂଶ ଉତ୍ତାପ ପ୍ରବଣ ଦେଶମାନଙ୍କରେ ଗ୍ରୀଷ୍ମ ଋତୁରେ କାର୍ଯ୍ୟ କରିବାର ସମୟରେ ପରିବର୍ତ୍ତନ କରା ଯାଉଥିବା ବେଳେ ଭାରତରେ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଲୋକମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଉତ୍ତପ୍ତ ଖରାବେଳେ ମଧ୍ୟ କାମ କରିବାକୁ ପଡ଼ିଥାଏ ଏବଂ ତାହା ପୁଣି ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ତ ଭିନ୍ନ କଥା, ଏପରିକି ପଙ୍ଖାଟିଏ ବିନା। ପୁଣି ତା' ସାଙ୍ଗକୁ ଖରାଦିନେ ବିଜୁଳି କାଟ୍ ଅବସ୍ଥାକୁ ଅଧି ସାଂଘାତିକ କରି ଦେଇଥାଏ। ତେଣୁ କର୍ତ୍ତୃପକ୍ଷମାନଙ୍କୁ ପ୍ରଥମେ ତାପମାତ୍ରାର ଅଧିକ ସମ୍ବେଦନଶୀଳ ଏବଂ ସୂକ୍ଷ୍ମ ଭାବରେ ମାପ କରିବା ଦିଗରେ ଆଗେଇବାକୁ ହେବ ଯାହା ଅଧିକ ସଠିକ୍ ଭାବରେ ତାପମାତ୍ରାକୁ ମାପ କରୁଥିବ । ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏ ବାବଦରେ କିଛି କାମ ଆରମ୍ଭ କରି ଘୋଷଣା କରିଛି ଯେ 'ପ୍ରକୃତ ଅନୁଭବ' ଉତ୍ତାପ ସୂଚକାଙ୍କକୁ ହିସାବ କରି ଏହା ପାଣିପାଗ ନିମନ୍ତେ ଉତ୍ତାପ ସୂଚକାଙ୍କ (ଏଚ୍‌ଆଇ) ଜାରି କରିବାକୁ ପାଣିପାଗ କେନ୍ଦ୍ରମାନଙ୍କୁ ସୂଚନା ଦେବାର ଯୋଜନା କରିଛି, ଯେଉଁଥରେ ଦିନର ଆପେକ୍ଷିକ ଆର୍ଦ୍ରତା, ପବନର ଗତି, ସର୍ବାଧିକ ତାପମାତ୍ରା, ଏବଂ ବାଦଲର ଆଚ୍ଛାଦନ ଇତ୍ୟାଦି ଅନ୍ତର୍ଭୁକ୍ତ ହେବ । ଏଭଳି ପଦକ୍ଷେପକୁ ଲୋକପ୍ରିୟ କରାଇବାର ଆବଶ୍ୟକତା ରହିଛି ଏବଂ ଏହାକୁ ନାଗରିକମାନଙ୍କ ଯୋଜନାର ଏକ ଅଂଶ କରାଯିବା ବିଧେୟ। ଉତ୍ତାପ କାର୍ଯ୍ୟାନୁଷ୍ଠାନ ଯୋଜନାଗୁଡ଼ିକ ଅଧିକ କାର୍ଯ୍ୟକ୍ଷମ କରାଯିବା ଆବଶ୍ୟକ, ଏବଂ ସେଗୁଡ଼ିକର କାର୍ଯ୍ୟାନ୍ୱୟନରେ ରହୁଥିବା ଅନ୍ତରଗୁଡ଼ିକୁ ହ୍ରାସ କରାଯିବା ଉଚିତ। ଆଉ ଶେଷରେ, ସରକାରଙ୍କୁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା, ବିପଦୋନ୍ମୁଖୀ ଗୋଷ୍ଠୀଙ୍କ ପାଇଁ ନିରାପତ୍ତା ଯୋଗାଇ ଦେବା, ଏବଂ ଉତ୍ତାପ-ସମ୍ପର୍କିତ ଅସୁସ୍ଥତାଗୁଡ଼ିକ ଓ ସେଗୁଡ଼ିକର ଲକ୍ଷଣଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦେବା ପାଇଁ ଚିକିତ୍ସାଳୟମାନଙ୍କୁ ନିର୍ଦ୍ଦେଶ ଦେବାକୁ ହେବ। ଦ୍ରୁତ ବେଗରେ ଉଷ୍ମତା ଆଡ଼କୁ ଧାଉଁଥିବା ଏକ ବିଶ୍ୱ ପାଇଁ ଏସବୁ କାମ ନକରି ଗତ୍ୟନ୍ତର ନାହିଁ ।

ଜଳ ସଂରକ୍ଷଣର ଛୋଟଛୋଟ ଦିଗ

ବୈଷ୍ଣବ ମେହେର

ଗୋଟିଏ ପିଢ଼ି ପୂର୍ବରୁ ଯେଉଁଠି ଜଳ ଅସରନ୍ତି ବୋଲି ବିବେଚନା କରାଯାଉଥିଲା ସେଇଠି ଜଳ ଉତ୍ତୋଳନ ପାଇଁ ସରକାରୀ ଅନୁମତି ଜରୁରୀ ହେବା ଆମ ପରିଣାମ ଦର୍ଶୀତାର ଫଳ ବୋଲି ସ୍ୱୀକାର କରିବାକୁ ପଡ଼ିବ । ସୁତରାଂ ସତର୍କ ନହେଲେ ଆଗାମୀ କମ୍ ଦିନରେ ଯେ, ଜଳର ବ୍ୟବହାର ନେଇ ସାରା ଦେଶରେ କଡ଼ାକଡ଼ି ନିୟମ ନ ଲାଗିବ ସେକଥା କହି ହେବ ନାହିଁ ।

ପୃଥିବୀର ପ୍ରାୟ ୭୧.୪ ପ୍ରତିଶତ ଭାଗ ଜଳପୂର୍ଣ୍ଣ ଥିଲେ ବି ସେମଧ୍ୟରୁ ୯୭ ପ୍ରତିଶତ ଭାଗ ଲୁଣିଆ ହେତୁ ଅବ୍ୟବହାର୍ଯ୍ୟ । ଏତେ ବଡ଼ ଜୀବଜଗତ ପାଇଁ ମାତ୍ର ୩ ପ୍ରତିଶତ ବିଶୁଦ୍ଧ ଜଳ ଥିବା ବେଳେ ସେଥି ମଧ୍ୟରୁ ୬୮.୭ ପ୍ରତିଶତ ହିମ ଖଣ୍ଡ, ୩୦.୧ ପ୍ରତିଶତ ଭୂତଳ ଜଳ, ୦.୩ ପ୍ରତିଶତ ନଦୀ, ଝରଣା ଓ ୦.୯ ପ୍ରତିଶତ ଅନ୍ୟାନ୍ୟ ଭାବରେ ଗଚ୍ଛିତ । ଏକ ଆକଳନ ଅନୁଯାୟୀ ୫୦ ହଜାର ଜନସଂଖ୍ୟା ବିଶିଷ୍ଟ ସହରରେ ମୁଣ୍ଡପିଛା ଦୈନିକ ୭୦ ଲିଟର, ୫୦ ହଜାରରୁ ୨ ଲକ୍ଷ ଜନସଂଖ୍ୟାର ସହରରେ ମୁଣ୍ଡପିଛା ୧୩୫ ଲିଟର ଓ ୨ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ପାଇଁ ମୁଣ୍ଡପିଛା ୧୫୦ ଲିଟର ଜଳ ଦରକାର ହୁଏ । ସେହିଭଳି ଗ୍ରାମାଂଚଳରେ ମୁଣ୍ଡପିଛା ପ୍ରାୟ ୫୦ ଲିଟର ଜଳ ବ୍ୟବହାର ହୋଇଥାଏ। ଅପରପକ୍ଷେ ବର୍ତ୍ତମାନର ସ୍ଥିତିରେ ଆମ ରାଜ୍ୟରେ ମୁଣ୍ଡପିଛା ଜଳର ଉପଲବଧି ୩୫୧୧ ଘନମିଟର ରହିଥିବା ବେଳେ ୨୦୫୦ ମସିହା ବେଳକୁ ଏହା ୨୪୮୧ ଘନମିଟରକୁ ଖସି ଆସିବ ବୋଲି ଆଶଙ୍କା ପ୍ରକାଶ ପାଇଛିଲ । ଜାତୀୟ ସ୍ତରର ହିସାବ ଅନୁଯାୟୀ ବର୍ତ୍ତମାନ ମୁଣ୍ଡପିଛା ଜଳ ୧୮୨୦ ଘନମିଟର ରହିଛି ଏବଂ ୨୦୫୦ ବେଳକୁ ଏହା ମାତ୍ର ୧୨୦୦ ଘନମିଟର ହୋଇଯିବ । ଜଳ ସଂରକ୍ଷଣକୁ ଧ୍ୟାନରେ ନରଖି ଏହି ଢଙ୍ଗରେ ଯଦି ବ୍ୟୟ କରିଚାଲିବା ତେବେ ୨୦୫୦ ବେଳକୁ ଘୋର ଜଳ ସଙ୍କଟ ସମ୍ଭାବନାକୁ ଏଡ଼ାଇବା କଷ୍ଟକର ହୋଇଯିବ । ଆମ ଦେଶର କେତେକ ରାଜ୍ୟରେ ଭୂତଳ ଜଳର ଉତ୍କଟ ସ୍ଥିତିକୁ ଦେଖି ସେଠାରେ ଜଳ ଉତ୍ତୋଳନରେ ରୋକ ଲଗାଗଲାଣି । ସେସବୁ ରାଜ୍ୟରେ ସାଧାରଣ କୂପ, ନଳକୂପଟିଏ ଖୋଳିବାକୁ ହେଲେ ଭୂତଳ ଜଳ ବୋର୍ଡର ଅନୁମତି ନେବାକୁ ପଡୁଛି । ଗୋଟିଏ ପିଢ଼ି ପୂର୍ବରୁ ଯେଉଁଠି ଜଳ ଅସରନ୍ତି ବୋଲି ବିବେଚନା କରାଯାଉଥିଲା ସେଇଠି ଜଳ ଉତ୍ତୋଳନ ପାଇଁ ସରକାରୀ ଅନୁମତି ଜରୁରୀ ହେବା ଆମ ପରିଣାମ ଦର୍ଶୀତାର ଫଳ ବୋଲି ସ୍ୱୀକାର କରିବାକୁ ପଡ଼ିବ । ସୁତରାଂ ସତର୍କ ନହେଲେ ଆଗାମୀ କମ୍ ଦିନରେ ଯେ, ଜଳର ବ୍ୟବହାର ନେଇ ସାରା ଦେଶରେ କଡ଼ାକଡ଼ି ନିୟମ ନ ଲାଗିବ ସେକଥା କହି ହେବ ନାହିଁ ।

କୁହାଯାଏ ବିନ୍ଦୁ ବିନ୍ଦୁ ଜଳରୁ ହିଁ ସିନ୍ଧୁର ସୃଷ୍ଟି । ଅନ୍ୟ ଅର୍ଥରେ ବିନ୍ଦୁବିନ୍ଦୁ ଜଳର ସଂରକ୍ଷଣରେ ସିନ୍ଧୁଏ ଜଳର ସୁରକ୍ଷା କରାଯାଇପାରେ । ଆମେ ଜଳ ତ ତିଆରି କରି ପାରିବା ନାହିଁ କିନ୍ତୁ ଜଳ ନଷ୍ଟ ହେବାକୁ ନିହାତି ରୋକି ପାରିବା । ଆମର ନିତ୍ୟ ବ୍ୟବହାର୍ଯ୍ୟ ଜୀବନ ଭିତରେ ଏଭଳି ଅନେକ ଛୋଟଛୋଟ ଦିଗ ଅଛି, ଯେଉଁ ଦିଗ ପ୍ରତି ସାମାନ୍ୟ ଧ୍ୟାନ ଦେଲେ ପର୍ଯ୍ୟାପ୍ତ ଜଳ କ୍ଷୟକୁ ରୋକାଯାଇ ପାରିବ । ସକାଳେ ଶଯ୍ୟା ତ୍ୟାଗ ପରଠୁଁ ରାତିରେ ଶଯ୍ୟାକୁ ଯିବା ଯାଏଁ ଯେତିକି ଥର ପାଣି ପିଉଛେ ପ୍ରତିଥର ଦରକାର ପରିମାଣର ପାଣି ହିଁ ଗ୍ଲାସରେ ଆଣିବା। ଅଧିକ ପାଣି ଆଣି କିଛି ପିଇ ବଳକା ଫିଙ୍ଗିବା ନାହିଁ । ହାତ ମୁହଁ ଧୋଇବା କିମ୍ବା ଗାଧୋଇଲା ବେଳେ ଟେପରୁ ଅଯଥା ପାଣି ନିଷ୍କାସନ ହେବାକୁ ଦେବା ନାହିଁ । ଦେହମୁହଁରେ ସାବୁନ, ସେମ୍ପୁ ଲଗାଇବା ବେଳେ ପାଣି ଟେପ୍‌କୁ ଚାଲୁ ଅବସ୍ଥାରେ ଛାଡ଼ି ନଦେଇ ଯଥା ସମ୍ଭବ ବନ୍ଦ ରଖିବା । ନଳକୂପ ଆଦିରୁ ପାଣି ଉଠାଇଲା ବେଳେ ପାତ୍ର ପୁରି ଯେମିତି ଉଛୁଲି ନପଡ଼େ ସେଥିପ୍ରତି ଧ୍ୟାନ ରଖିବା । ଘରର ବର୍ତ୍ତନବାସନ, ଲୁଗାକପଡ଼ା ଆଦି ସଫା କଲା ବେଳେ ଅଯଥା ପାଣି ଖର୍ଚ୍ଚ ନକରି ଦରକାର ଅନୁଯାୟୀ ଉପଯୋଗ କରିବା । ଘରୁ ବାହାରୁ ଥିବା ବର୍ଜ୍ୟ ପାଣିକୁ ଡ୍ରେନ୍ କିମ୍ବା ରାସ୍ତାଘାଟରେ ନଫିଙ୍ଗି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗାତ କରି ପକାଇଲେ ଏହି ପାଣି ଭୂତଳଗାମୀ ହୋଇ ପାରିବ। ଘରେଥିବା ଓଭର ଟେଙ୍କରେ ପାଣି ଭରିବା ବେଳେ ଅନେକ ସମୟରେ ଟେଙ୍କ ଉଛୁଳି ପାଣି ବାହାରେ ପଡ଼େ। ତେଣୁ ଟାଙ୍କି ଉଛୁଳିବା ପୂର୍ବରୁ ଧ୍ୟାନ ଦେବା କିମ୍ବା ବଜାରରେ ମିଳୁଥିବା ସାଇରନ୍ ଲଗାଇବା ଯାହା ଟାଙ୍କି ପୁରିଲା ମାତ୍ରେ ସତର୍କ କରାଇ ଦେବ। ବର୍ଷା ସମୟରେ ଘରର ଛାତ ଉପରେ ପଡ଼ି ବୋହି ଯାଉଥିବା ବର୍ଷା ଜଳକୁ ପାଇପ୍ ମାଧ୍ୟମରେ ଆଣି ନିର୍ଦ୍ଦିଷ୍ଟ ପାତ୍ରରେ ରଖି ଘର କାର୍ଯ୍ୟରେ ବ୍ୟବହାର କରିପାରିବା। ଏବେବି ଅନେକ ସ୍ଥଳରେ ବାସି ପାଣିକୁ ବ୍ୟବହାର ନକରି ଫିଙ୍ଗି ଦିଆଯାଏ । ସେଭଳି ସ୍ଥଳେ ଦିନକୁ ଯେତିକି ଦରକାର ସେତିକି ପାଣି ହିଁ ଘରେ ସାଇତି ରଖିବା। ଭାତ, ଡାଲି ଆଦି ରୋଷେଇ କଲା ବେଳେ ଅତିକମରେ ଯେତିକି ପାଣି ଦରକାର ସେତିକି ପାଣି ହିଁ ଚୂଲିରେ ମଡ଼ାଇଲେ ଅଯଥା ପାଣି କିମ୍ବା ଇନ୍ଧନ ନଷ୍ଟ ହେବ ନାହିଁ। ଘରେ କିମ୍ବା ବାହାରେ ଅନେକ ସ୍ଥଳରେ ଟେପ୍ ଭାଙ୍ଗି କିମ୍ବା ଅବହେଲାରୁ ଖୋଲା ରହିବାରୁ ପାଣି ଅପଚୟ ହୋଇଥାଏ । ସେସବୁକୁ ନିଜ ସାଧ୍ୟମତେ ବନ୍ଦ କରାଗଲେ ଅଯଥା ଜଳ ନଷ୍ଟକୁ ରୋକା ଯାଇପାରିବ । ସବୁଠାରୁ ବଡ଼ ଦାୟିତ୍ୱ ହେବ ଜଳ ସଂରକ୍ଷଣର ଏହି ସବୁ ଦିଗ ପ୍ରତି ନିଜେ ସତର୍କ ହେବା ସହ ଅନ୍ୟମାନଙ୍କୁ ଏନେଇ ଅବଗତ ଓ ସଚେତନ କରାଇବା ।

ପ୍ରବନ୍ଧର ଉପସଂହାରରେ ଏତିକି କୁହାଯାଇ ପାରେ ଯେ ଜଳ ସଂରକ୍ଷଣର ଏହି ସବୁ ଦିଗ ଛୋଟ ମନେ ହେଉଥିଲେ ବି ଏହାର ଗୁରୁତ୍ୱକୁ ଧ୍ୟାନ ଦେଲେ ବର୍ତ୍ତମାନର ଅନ୍ୟତମ ବଡ଼ ସମସ୍ୟା ଜଳ ସଂକଟକୁ ଅନେକ ମାତ୍ରାରେ ଏଡ଼ାଇ ହେବ । ତେଣୁ ଛୋଟ ହେଉ ପଛେ ଉପରୋକ୍ତ ସମୟୋପଯୋଗୀ ଦିଗ ପ୍ରତି ଧ୍ୟାନ ଦେଇ ଆଗାମୀ ଭବିଷ୍ୟତ ସମସ୍ତଙ୍କ ପାଇଁ କଲ୍ୟାଣକାରୀ ହେବ ।

ସିନାପାଲି,ନୂଆପଡ଼ା
ମୋ: ୯୭୭୭୭୫୩୯୩୫

ଆଡ଼ପ ମଣ୍ଡପରେ ସନ୍ଧ୍ୟା ଦର୍ଶନ

ଡ଼ଃ. ଅରୁନ୍ଧତୀ ଦେବୀ

ମହାପ୍ରଭୁ ମାଉସୀମା ଘରେ ରହୁଥିବା ସମୟରେ ଯେଉଁ ସ୍ୱତନ୍ତ୍ର ଦର୍ଶନ ଦେଇଥାନ୍ତି ତାହା ହେଉଛି ଆଡ଼ପ ଦର୍ଶନ। ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀ ବିଗ୍ରହ ବିରାଜିତ ହୋଇଥିବା ସମୟରେ ଆଷାଢ଼ ଶୁକ୍ଳ ନବମୀ ତିଥି ଏକ ବିଶେଷ ତିଥି। ତେବେ ଆଡ଼ପ ସନ୍ଧ୍ୟା ଦର୍ଶନରେ ପୁଣ୍ୟ ଫଳ ପ୍ରାପ୍ତି ବିଷୟରେ ଶାସ୍ତ୍ରରେ ଉଲ୍ଲେଖ ରହିଛି। ସନ୍ଧ୍ୟା ସମୟ ଦେବ ଆରାଧନା, ଦେବଦର୍ଶନ ଓ ସାଧନା ପାଇଁ ପ୍ରକୃଷ୍ଟ ସମୟ ବୋଲି ଉଲ୍ଲେଖ ରହି ଶାସ୍ତ୍ରରେ ଲେଖାଯାଇଛି - 'ନ ଦିବା ପୂଜୟେତ୍ ଦେବଂ ନକ୍ତଂ ନୈବ ଚ ନୈବ ଚ, ସର୍ବଦା ପୂଜୟେତ୍ ଦେବଂ ଦିବାନକ୍ତଂ ବିବର୍ଜୟେତ୍।' ରଥଯାତ୍ରାରେ ଆଡ଼ପ ମଣ୍ଡପରେ ଶେଷ ଦର୍ଶନର ସୁଯୋଗ ଏଇ ସନ୍ଧ୍ୟା ଦର୍ଶନ । ସନ୍ଧ୍ୟା ଶବ୍ଦର ଅନ୍ୟ ଏକ ଏବଂ ବାସ୍ତବ ଅର୍ଥ ହେଉଛି ସମ୍ୟକ ଧ୍ୟାନ। ସନ୍ଧ୍ୟାଦର୍ଶନ ହେଉଛି ସମ୍ୟକ ଧ୍ୟାନ ଦ୍ୱାରା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ସେହି ଅନନ୍ତ ଫଳପ୍ରାପ୍ତି

ହୁଏ। ଲୋକେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଗଲାବେଳେ ସାଧାରଣତଃ ବହୁ ଆର୍ତ୍ତନେଇ ଯାଇଥାନ୍ତି। କେହି କେହି ଅର୍ଥାର୍ଥୀ ଭାବେ ଶ୍ରୀଜଗନ୍ନାଥଙ୍କୁ ଆରାଧନା କରିଥାନ୍ତି। ମାତ୍ର ଜିଜ୍ଞାସୁ ଏବଂ ଜ୍ଞାନୀମାନଙ୍କର ଭକ୍ତି ବିଶେଷ ଧରଣର। ଶ୍ରୀଭଗବାନ ନିଜେ ଗୀତାରେ କହିଛନ୍ତି 'ତେଷାଂ ଜ୍ଞାନୀ ନିତ୍ୟଯୁକ୍ତଃ ଏକ ଭକ୍ତିର୍ବିଶିଷ୍ୟତେ। ଏକଥା ମଧ୍ୟ ସତ ଯେ ଆଡ଼ପ ମଣ୍ଡପରେ ଦିବସ ଦର୍ଶନ ତୁଳନାରେ ସନ୍ଧ୍ୟାରେ ଦର୍ଶନ କଲେ ଅନେକ ପୁଣ୍ୟ । ସନ୍ଧ୍ୟା ଦର୍ଶନର ଆଉ ଏକ ମହତ୍ୱ ଶ୍ରୀଜିଉଙ୍କ ଦର୍ଶଗନ, ବ୍ରାହ୍ମଣମାନଙ୍କୁ ମହାପ୍ରସାଦ ଭୋଜନ ଓ ନିଜ ପରିବାର ଜ୍ଞାତି କୁଟୁମ୍ବ ପରିଜନ ଏକାଠି ବସି ଏକପତ୍ରେ ଭୋଜନ ଯେପରି ସୁଖକର, ତଦୂର୍ଦ୍ଧ୍ୱ ପୁଣ୍ୟ ଫଳ ପ୍ରାପ୍ତି ଏବଂ ସପ୍ତପୁରୁଷ ଉଦ୍ଧାର ହେଉଥିବା ପୁରାଣ ଶାସ୍ତ୍ରରେ ବର୍ଣ୍ଣନା ରହିଛି । ତେଣୁ ପ୍ରତ୍ୟେକ ବର୍ଷ ଏହି ଦିନଟିରେ ଆଡ଼ପ ମଣ୍ଡପ ଅତ୍ୟନ୍ତ ପବିତ୍ର ପୁଣ୍ୟପ୍ରଦ । ଯଥାର୍ଥରେ କୁହାଯାଇଛି 'ନୀଳାଦ୍ରୌ ତୁ ସହସ୍ରାଣି ଆଡ଼ପ ମଣ୍ଡପେ ଦିନେ' । ଅର୍ଥାତ୍ ନୀଳାଦ୍ରିରେ ହଜାର ଦିନ ଦର୍ଶନରେ ଯେଉଁ ପୁଣ୍ୟ ହୋଇଥାଏ, ତାହା ସମ୍ଭବ ହୋଇଥାଏ ଆଡ଼ପ ମଣ୍ଡପର ଗୋଟିଏ ଦିନ ଦର୍ଶନରେ । ରାମାନନ୍ଦ ଆଡ଼ପ ମଣ୍ଡପରେ ଶ୍ରୀଜଗନ୍ନାଥଙ୍କୁ ରାମ ରୂପରେ ଏହି ନବମୀ ସନ୍ଧ୍ୟାରେ ଦର୍ଶନ କରିଥିଲେ । ପୁନଶ୍ଚ ଶ୍ରୀଜିଉଙ୍କ ଆଡ଼ପ ଅବସ୍ଥାନର ଶେଷ ତିନି ଦିନ ସପ୍ତମୀ, ଅଷ୍ଟମୀ ଓ ନବମୀରେ ଅନୁଷ୍ଠିତ ହୋଇଥାଏ ରାସ । କାର୍ତ୍ତିକ ମାସରେ ଶରତ ରାସ, ଫାଲଗୁନ ମାସରେ ବସନ୍ତ ରାସ ଓ ଆଷାଢ଼ ମାସରେ ଏକ ପ୍ରାବୃଟ ରାସ ଅନୁଷ୍ଠିତ ହୋଇଥାଏ । ଏଥିରେ ମହାପ୍ରଭୁଙ୍କ ପ୍ରତିନିଧି, ଉତ୍ସବ ଠାକୁର ମଦନମୋହନ ବିଜେ ହୋଇ ଜଗମୋହନ ରାସ ପିଣ୍ଡିକୁ ଆସିଥାନ୍ତି । ସେଠାରେ ଶ୍ରୀଜିଉଙ୍କ ନିକଟରେ ରାସ ପଞ୍ଚାଧ୍ୟୟ ପାଠ ସହ ମହାପ୍ରଭୁଙ୍କୁ କୋରାଭୋଗ ଓ ବନ୍ଦାପନା କରାଯାଏ । ଏହି ରାସ ନବଦିନ ବ୍ରତଧାରୀଙ୍କ ସମେତ ଭକ୍ତ ସମୂହଙ୍କୁ ଭକ୍ତିରସରେ ଆହ୍ଲାଦିତ କରିଥାଏ ।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦

ଜଗନ୍ନାଥ ସ୍ୱାମୀ

ପ୍ରମୋଦ କୁମାର ମହାପାତ୍ର

ଆଠଟି ଅଖରେ ଷୋହଳ ଚକ
ନନ୍ଦିଘୋଷ ରଥେ କଳା ଶ୍ରୀମୁଖ
ବଡ଼ଦାଣ୍ଡେ ଦେଖ ଯାଉଚି ଧାଇଁ
ସାଙ୍ଗରେ ଭଉଣୀ ଭାଇଙ୍କୁ ନେଇ।

ଧଳା ଘୋଡ଼ା ଚାରି ଯହିଁରେ ଯୋଖା
'ଦାରୁକ' ସାରଥୀ ରୂପରେ ଦେଖା
ରଥ ଅଧୀଶ୍ୱର ସ୍ୱଂୟ ଗରୁଡ଼
ରହସ୍ୟ ନ ବୁଝି ମନ ବିମୁଢ଼।

ନାଲି ହଳଦି

ନିଜକୁ ଟିକେ ସଜାଡି ରଖ...

ରଶ୍ମୀ ସାମଲ

ନଗ୍ନତା କଣ ସୌନ୍ଦଯ୍ୟକୁ ବଢ଼ାଇଥାଏ। ଏହାର ଉତ୍ତରରେ ମୁଁ ନିଶ୍ଚିତ କହିବି ନା ବିଲକୁଲ ନୁହେଁ, ଉପଯୁକ୍ତ ଶିକ୍ଷା ଓ ତାର ସୁବ୍ୟବହାର ଭବିଷ୍ୟତରେ ପିଲାଟିକୁ ସୁନ୍ଦର ମଣିଷ କରି ଗଢି ତୋଳିବାର ସାହାଯ୍ୟ କରିଥାଏ। ଏବଂ ଉତ୍ତମ ଶିକ୍ଷା ଜୀବନକୁ ସଂଯତ ଶୃଙ୍ଖଳିତ ଓ ମାର୍ଜିତ କରିଥାଏ। ହେଲେ ଏ ସବୁ ଜାଣି ସୁଦ୍ଧା ଅଧା ଚିରା ଫଟା ଡ୍ରେସ ପିନ୍ଧା ପିଲା ମାନଙ୍କ ସଂଖ୍ୟା ସମାଜରେ ଆଜି କାହିଁକି ବଢୁଛି। ଯାହାକୁ ଜାଣିବା ଆମର ନିହାତି ଜରୁରୀ। ବିଜ୍ଞାନ ନେଇ ମଣିଷକୁ କମ୍ପ୍ୟୁଟର ଯୁଗରେ ପଂହଚାଇଛି ସତ କିନ୍ତୁ ପୁରାତନକୁ ଛାଡି ନୂତନ ଅଗ୍ରସର ସାମାଜିକ ପ୍ରାଣୀ ଆଦର୍ଶ ପରି ଅନେକ ପରମ୍ପରାକୁ ଭାଙ୍ଗି ଟୁକୁରା ଟୁକୁରା କରି ଦେଉଛି। ଆମ ପାଖରେ ସବୁ ଥାଇ ଆମେ ଏବେ ବିକଳାଙ୍ଗ। ଈଶ୍ୱର ବିଶ୍ୱାସ ମଣିଷ ମନରୁ ଯେପରି କମି କମି ଯାଉଛି। ଆଧୁନିକତାର କିଛି ଆବଦ୍ଧ ସୀମା ନ ଥିବାରୁ ଅନ୍ୟ ବ୍ୟକ୍ତି ବିଶେଷ ସମ୍ମୁଖରେ ନିଜେ ନିଜର ମର୍ଯ୍ୟାଦା ହ୍ରାସ ହେବା ଛଡା ଅନ୍ୟ କିଛି ନୁହେଁ। ସଂସ୍କୃତି ଭିତରେ ପଶିଥିବା ଅପସଂସ୍କୃତି ପୁରୁଣା ପ୍ରଥା ପରମ୍ପରାକୁ ଭାଙ୍ଗିବାକୁ ଚାହୁଁଛନ୍ତି। ସଂସ୍କାରି ବା ଚରିତ୍ରବାନ ସବୁବେଳେ ଉଜ୍ଜ୍ୱଳ ମୁକୁଟର ମଣି ସ୍ୱରୂପ। ଯାହା ଯୁଗ ଯୁଗରୁ ରହିଛି।

ଯୁଗ ଆଗକୁ ଆଗକୁ ଯିବା ସହ ତାହାକୁ ତାଳ ଦେଇ ପିଲାମାନଙ୍କ ବିଚାରଧାରା କିନ୍ତୁ ଏବେ ବଦଳି ଯାଉଛି। ଯେପରିକି ଏହି କଳୁଷିତ କାଳୀମାମୟ ପରିବେଶରେ ଆଉ ପ୍ରକୃତିର ମଧ୍ୟ ସେହି ଛଅ ଋତୁ ସଠିକ ସମୟରେ ଏହି ଧରାପୃଷ୍ଠରେ ଉପଲବ୍ଧ ହେଉନାହିଁ। ପ୍ରକୃତି ବି ମଣିଷଙ୍କୁ ଡରିଲାଣି। ଏପରି ସମୟ ଭିତରେ ମଣିଷ ଆଜି ହଜି ଯାଉଛି ଯେ, ସେ ନିଜକୁ ବି ଖୋଜି ପାଉନି। ଏହା ମାତ୍ର ବିଡ଼ମ୍ବନାର ବିଷୟ ସଂସ୍କାରର ଅଧୋପତନ ନିଶ୍ଚିତ ଜଳ ଜଳ ଦୃଶ୍ୟମାନ। ସ୍ମାର୍ଟ ସିଟିରେ ରହି ପିଲାମାନଙ୍କର ଲକ୍ଷହୀନ ପକ୍ଷୀ ସତେ ଯେପରି ସେମାନଙ୍କ ଦେହରେ ଡେଣା ପରି ଲାଗିଯାଉଛି। ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆନ୍ତରିକତା ଭୁଲି ଦୂର ଆକାଶକୁ ଉଡିବାକୁ ଏବେ ସର୍ବଦା ଚେଷ୍ଟା କରୁଛନ୍ତି। ବଡ ମାନଙ୍କୁ ସମ୍ମାନ ଦେବା ଯେପରି ମନରୁ ଲିଭି ସାରିଛି। ଏପରି କାର୍ଯ୍ୟକଳାପ ସେହି ମାନେ କରୁଛନ୍ତି ଯେଉଁମାନେ ଆମ ଭବିଷ୍ୟତର ଉତ୍ତରାଧିକାରୀ, ସଭ୍ୟ ସମାଜର ଆମ ସୁଯୋଗ୍ୟ ସନ୍ତାନ। ଏବେ ସମାଜର ରୀତିନୀତି ଶୃଙ୍ଖଳିତ ବିଧି ବ୍ୟବସ୍ଥା ସବୁ ସେମାନଙ୍କ ପାଖରେ ତୁଚ୍ଛ। ଅଶିଷ୍ଟ ଆଚରଣ ଓ ଅଙ୍ଗ ପ୍ରଦର୍ଶନ ସମ୍ପର୍କରେ ଅନେକ କଥା ବିଭିନ୍ନ ସମ୍ବାଦ ପତ୍ରରେ ପ୍ରକାଶ ପାଉଛି। ସେହି ଅଶୀଳତା ବିଷୟରେ ଅନୁଧ୍ୟାନ କଲେ ସ୍ପଷ୍ଟ ଜଣାପଡେ ଯେ ଯେଉଁମାନେ ଏପରି ଆଚରଣ ପ୍ରଦର୍ଶନ କରୁଛନ୍ତି ସେମାନେ ସେମାନଙ୍କର ପରିବାରରୁ ଉପଯୁକ୍ତ ଶିକ୍ଷା ବିଲକୁଲ ପାଇ ପାରୁ ନାହାଁନ୍ତି। ଯାହା ଦ୍ୱାରା ଏପରି କାର୍ଯ୍ୟ କଳାପ ଦ୍ୱାରା ନିଜର କ୍ଷତି ସାଧନ କରିବା ସହ ଅନ୍ୟ ମାନଙ୍କର ମଧ୍ୟ କ୍ଷତି କରାଉଛନ୍ତି। ଶୃଙ୍ଖଳାର ଅଭାବରେ ଜୀବନ ହୁଏ ଦୁର୍ବିସହ। ଧର୍ମାନୁଷ୍ଠାନରେ ବୃଦ୍ଧି ପାଉଛି ଅଧର୍ମ।

ବର୍ତ୍ତମାନ ଚିନ୍ତାଧାରା ଓ ମାନସିକତା ବଦଳିବା ସହ ଝିଅ ମାନଙ୍କ ବେଶଭୁଷା ମଧ୍ୟ ଅତ୍ୟନ୍ତ ଆଧୁନିକ, ଆଉ ନାହିଁ ସେ ଝିଅମାନଙ୍କ ଲମ୍ବା ବେଣି। ଏବେ ଶରୀର ଲୁଚୁ ନଥିବା ଡ୍ରେସ ପିନ୍ଧି ବାହାରକୁ ଆସିବା ଗୋଟେ ବଡ ଫେସନ ହୋଇଗଲାଣି। ଏବେ କାର ପିଲାମାନଙ୍କ ଭିତରେ ଏପରି ପ୍ରତିଯୋଗିତା ଚାଲିଛି ଯେ କିଏ କେତେ ଛୋଟ ଡ୍ରେସ ପିନ୍ଧି ବାହାରକୁ ଆସି ପାରିବ।

ଏବେ ଆମେ ମୁଖ୍ୟ ଆଲୋଚନାକୁ ଆସିବା, ନଗ୍ନତା ବା ଶରୀର ଅଧା ଦିଶୁଥିବା ବେଶ ପୋଷାକ ପିନ୍ଧିବାରେ ପ୍ରକୃତରେ କିଏ ବିଶେଷତଃ ଦାୟୀ। ଅବୁଝା ଲାଗୁଛି ସେ ସବୁ ଭାବିଲା ବେଳକୁ, ତଥାପି ଏହି କଥାକୁ ହଜମ ନକରି ପାରିବାରୁ ପ୍ରକାଶ କରିବାକୁ ବାଧ୍ୟ ହେଉଛି। ଛୋଟ ଅନୁଭୂତିର ଏକ ଉଦାହରଣ । ଗତ ରବିବାର ଭୁବନେଶ୍ୱରର ଏକ ବୃହତ ପ୍ରେକ୍ଷାଳୟକୁ ଦି କେରଳ ଷ୍ଟୋରି ସିନେମା ଦେଖିବାକୁ ମୋ ସ୍ୱାମୀଙ୍କ ସହ ସନ୍ଧ୍ୟା ସାତଟାରୁ ନଅଟା ସୋ ଯାଇଥିଲି,ଏହି ସିନେମା ବିଷୟରେ ମୁଁ ଏଠାରେ କୌଣସି ମତ ରଖିବାକୁ ଚାଂହୁନି କିମ୍ବା ରଖୁନି ମଧ୍ୟ। ମୋତେ ବିଶେଷ ଭାବରେ ସେଠାରେ କିଛି ସମୟର ପରିସ୍ଥିତି ଅତ୍ୟନ୍ତ ବ୍ୟଥିତ କଲା। ଯେଉଁ ବୟସରେ ପିଲାମାନେ ନିଜ ପାଠ ପଢା କୃତିରେ ଗର୍ବ କରିବା କଥା ଓ ବାପା ମାଆଙ୍କ ନାମକୁ ଉଚରେ ପଂହଚାଇବା କଥା, ସେଠାରେ କିନ୍ତୁ ଏହାର ବିପରୀତ ବ୍ୟତିକ୍ରମ ଟିକେ ଦେଖିଲି। ମୋ ଠାରୁ ମାତ୍ର ଦୁଇ ମିଟର ଛାଡି ବସିଥିବା କୋଡିଏ ବାଇଶି ବର୍ଷ ହେବ ବୋଧେ ପୁଅ ଝିଅ ଦୁଇଜଣଙ୍କୁ,ସିନେମା ଠାରୁ ସେ ଦୁଇ ଜଣ ପିଲାଙ୍କ ହାବଭାବ ମୋତେ ଖୁବ ଅଡୁଆରେ ପକାଇଥିଲା। ଆମ ଓଡ଼ିଆ ପିଲା ସେମାନେ କିନ୍ତୁ ଖଣ୍ଡି ହିନ୍ଦୀ ଆଉ ଇଂଲିଶ ରେ ଫିସ ଫିସ କଥା ସାଙ୍ଗକୁ ଝିଅଟିର ବିଦେଶିନୀ ଭଳି ପୋଷାକ, ମୋତେ ଅତ୍ୟନ୍ତ ବ୍ୟଥିତ କଲା। ଯାହାକି ସେହି ଝିଅଟି ଦେଖା ଯାଉଥାଏ ଆଶାତୀତ ଲୋକପ୍ରିୟ ହେବା ପାଇଁ ବିଜ୍ଞାପନ କରୁଥିବା ମଡେଲଠାରୁ କୌଣସି ଗୁଣରେ କମ ନୁହେଁ। ପୁଅଟି କିନ୍ତୁ ଜିନ୍ସ ସାର୍ଟ ଓ ଫୁଲ ପ୍ୟାଂଟଟିଏ ପିନ୍ଧିଥାଏ, ଟିକେ ସଂସ୍କାରି ଲାଗୁଥିଲା। ବାହାରୁ କିଣି ଆଣିଥିବା ପପକନ୍ନ ବଡ ପ୍ୟାକେଟଟିରୁ ଜଣେ ଅନ୍ୟ ଜଣଙ୍କୁ ଖୁଆଉଥାଏ। ଥଣ୍ଡା ପାନୀୟ ଦୁଇଟି ଷ୍ଟ୍ର ଲଗାଇ ଗୋଟିଏ ବୋତଲରୁ ପିଉଥାନ୍ତି ସେହି ସମୟରେ। ସିନେମା ଦେଖିବା ଖରାପ ନୁହେଁ ଏ ସବୁ ଠିକ ଅଛି କାରଣ ସିନେମାରୁ ମଧ୍ୟ ଆମର କିଛି ଶିଖିବାର ଅଛି। ହେଲେ ଏଠି ପ୍ରଶ୍ନ ଉଠେ ଏହି ପ୍ରକାର ଅସଂଯତ ବେଶପୋଷାକରେ ଟିକେ ସଂଯମତା କାହିଁକି ନାହିଁ। ଯୁଗ ଅନୁସାରେ ନିଜକୁ ସଜାଇବା ମନା ନାହିଁ। ଭାବିଲି ମୋ ମୁଁ ଜଣେ ମଧ୍ୟବୟସ୍କା ମହିଳା ହିସାବରେ ଝିଅଟିକୁ କିଛି କହିବି ବେଶଭୁଷା ପରିପାଟିରେ ମାର୍ଜିତ ରହିବା ଦରକାର ବୋଲି। ଝିଅ କେହି ଖରାପ ମନ୍ତବ୍ୟ ତୋତେ ଦେବା ପୂର୍ବରୁ ନିଜକୁ ଟିକେ ସଜାଡ଼ିରଖ। କାନ୍ଦ କାନ୍ଦ ଲାଗୁଥାଏ ମୋତେ, ସିନେମା ସରିବା ଯାଏ ଅପେକ୍ଷା କଲି ମଝିରେ ଜିଭ ଓଲଟିପଡୁଥାଏ କିଛି କଥା ବାହାରିବା ପାଇଁ କିନ୍ତୁ ବିବେକ ମୋର ପଛକୁ ଟାଣି ଧରିଥାଏ। କିଛି ପାଲଟା ଜବାବ ଯଦି ଦେଇ ଦେବେ। ଭାବିଲି ମୋର ସରଳ ନିରାଡ଼ମ୍ବରତା ମୋ ଭିତରେ ରହୁ। ମୁଁ ତ ଦୀର୍ଘ ପଚିଶ ବର୍ଷ ମଫସଲ ଗାଁରେ ବଢିଛି। ତା ପରେ ଆଉ ପଚିଶ ବର୍ଷ ଏହି ଭୁବନେଶ୍ୱରରେ। ଏସବୁ ଗ୍ରହଣୀୟ ନହେଲେ ମଧ୍ୟ ମନକୁ ଶାନ୍ତ କରିବାକୁ ପଡିବ। ଏବେକାର ଆଧୁନିକ ପିଲା ମାନଙ୍କର ଅନ୍ୟମନସ୍କତାକୁ ଅଣଦେଖା କରି ଆଖି ବୁଝିଦେବା ଉଚିତ ଭାବିଲି। କିନ୍ତୁ ଏହି ଲେଖା ମାଧ୍ୟମରେ ଏତିକି କହିବି ଆଜି କାଲିର କୂପଥ ଗାମି ପିଲା ମାନଙ୍କ ପାଇଁ କିଛି ସଚେତନତା ଆବଶ୍ୟକ। ଯାହା କି ପିତାମାତା ସେ ସବୁ ଉଚିତ ଶିକ୍ଷା ଦେବା ଉଚିତ। ମା ପେଟରୁ ପଡି କେହି ଶିଖି ନଥାନ୍ତି। ଯାହା ଠିକ ମାର୍ଗ ଦର୍ଶକ ହୋଇ ପାରିବ ତାହା କରିବା ଉଚିତ। ଆମ ଧର୍ମର ନୀତି ନିୟମ ସଂସ୍କାର ବହୁତ ଉର୍ଦ୍ଧରେ ଏହା ପିଲାଙ୍କୁ କହିବା ଦରକାର। ଆମ ସଂସ୍କୃତି ଜୀବନଧାରା ଓ ଐତିହର ସୁଦୀର୍ଘ ଇତିହାସ ଏବଂ ଏହାର ବୈଚିତ୍ରର ଚମତ୍କାର ଚିତ୍ର ସମାଜରେ ଭରପୁର,ବିଶ୍ୱର ଯେତେ ସଂସ୍କୃତି ଅଛି ଭାରତୀୟ ସଂସ୍କୃତି ବିଶାଳ ଓ ପରିବ୍ୟାପ୍ତ। ଆଧ୍ୟାତ୍ମିକ କ୍ଷେତ୍ରରେ ପ୍ରାଚୀନ କାଳରୁ ଏହାର ବିରତ୍ୱ ଓ ସାହାସିକତା କଳା ଓ ସାହିତ୍ୟ ନିଜର ସ୍ୱତନ୍ତ୍ର ସ୍ଥାନ ବଜାଇ ରଖିଛି। ପର୍ବପର୍ବାଣୀ ଗୁଡିକର ଘନିଷ୍ଠ ସମ୍ବନ୍ଧ ତାହାର ଅନେକ ଉଦାହରଣ ରହିଛି। ଯେଉଁ ରାମାୟଣ, ମହାଭାରତ, ଭାଗବତର ତତ୍ତ୍ୱକୁ ପିଲାଙ୍କୁ ବୁଝାଇ ଆମ ସଂସ୍କୃତି ବିଷୟରେ ଅବଗତ କରାଇବା ଅତ୍ୟନ୍ତ ଜରୁରୀ। ଆମେ ଚାରଟି ଲଗାଇ ସେଥିରେ ସଠିକ ପାଣି ଦେଇ ବଡ କରିବା ଆମ ବଡ ମାନଙ୍କ ଦାୟିତ୍ୱ। ଯତ୍ନର ସହ ବଡ କଲେ ସେ ନିଶ୍ଚିତ ଆନନ୍ଦ ଫଳ ଦେବ। ମୁଁ ଭାବୁଛି ପରିବାରର ସମସ୍ତ ମେମ୍ବର ଏଥି ପ୍ରତି ଦୃଷ୍ଟି ଦେଲେ ବୋଧହୁଏ ସବୁ ଠିକ ହୁଅନ୍ତା। ସହରରେ ଆଧୁନିକ ବୁଦ୍ଧି ବିଚାର ରହୁ ,ତାହା ସହ ପୁରୁଣା କାଳର ବିଚାର ଧାରା ସଂସ୍କାରି ମନୋବୃତ୍ତି ଜୀବନ୍ତ ଦେବତା ବାପା ମାଆଙ୍କ ପ୍ରତି ଭକ୍ତି ଭାବ ରହୁ। ଯେପରି ଆମେ ଆମ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବା।

+ଭୁବନେଶ୍ୱର
୯୪୩୭୧୧୫୮୬୫

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ତ୍ରିପାଦମୋହିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା

॥ ଭାଗ-୮ ॥

ତାହା କେବଳ ଅସୀମ ସମୟ ମଧ୍ୟରେ ଏକ କଳ୍ପ ପରିମିତ ସମୟ ଥିଲା। ଯାହାର ପ୍ରତ୍ୟେକ ପାଖୁଡା ଗୋଟିଏ ଗୋଟିଏ ବର୍ଷ ଥିଲା। ଏକ ପଦ୍ମ କଳ୍ପ ସମୟ ମଧ୍ୟରେ ସୃଷ୍ଟିରେ ଏକ ବଡ଼ ବିବର୍ତ୍ତନ ସୃଷ୍ଟି ହେଉଥିଲା ଏବଂ ଜଣେ ବ୍ରହ୍ମାଙ୍କର ସମୟ ଶେଷ ହୋଇ ଅନ୍ୟ ଜଣେ ବ୍ରହ୍ମାଙ୍କର ସୃଷ୍ଟି କରିବାର ସମୟ ଆସୁଥିଲା। ଯେଉଁ ବ୍ରହ୍ମା ଏହି ପ୍ରାକ୍ ସୃଷ୍ଟିରେ ଥିଲେ ତାଙ୍କର ନାମ ଥିଲା ସ୍ୱୟଂଭୂ ବେଦ ଗର୍ଭ ପ୍ରଜାପତି ବ୍ରହ୍ମା ଏବଂ ଏହି କଳ୍ପର ନାମ ଥିଲା ପଦ୍ମକଳ୍ପ ବା ପ୍ରଥମ ସୃଜନର ସ୍ଥାନ।

ହଠାତ୍ ବେଦର ସେହି ଆଦି ସ୍ରଷ୍ଟାଙ୍କ ମଧ୍ୟରେ କେହି ଯେପରି କହିବାରେ ଲାଗିଲା,'ଅହମ୍ ବ୍ରହ୍ମୋସ୍ମି ! ଅହମ୍ ବ୍ରହ୍ମୋସ୍ମି ! ଏବଂ ତାଙ୍କର ମନେ ହେଲା ଯେପରି ସେହି ଆଦି ଅନ୍ତହୀନ ସ୍ୱର୍ଣ୍ଣ ପ୍ରଭ ହିରଣ୍ମୟ ଅଣ୍ଡ ତାଙ୍କ ସହିତ ସଂଯୁକ୍ତ ଅଛି ଏବଂ ଏକ ନୂତନ ଦିବ୍ୟ ସୃଜନକୁ ଅପେକ୍ଷା କରିଛି !

ଏହାର ଚାରିଶତ ଚଉଦ କୋଟି ବର୍ଷ ପରେ..... ।

କ୍ରମେ ସେହି ସୁବର୍ଣ୍ଣ ଅଣ୍ଡର ଗର୍ଭ ଉତ୍ତପ୍ତ ଓ ପ୍ରଜ୍ୱଳିତ ବାଷ୍ପରେ ପୂର୍ଣ୍ଣ ହେବାରେ ଲାଗିଲା ପ୍ରଜ୍ୱଳିତ ହେବାରେ ଲାଗିଲା ଏବଂ ଦିଗ୍ ବିଦିଗକୁ ପରିଚାଳିତ ହେବାରେ ଲାଗିଲା।ଏହା ମଧ୍ୟରୁ ଆଦି ଓଁକାର ଧ୍ୱନି ସୃଷ୍ଟି ହୋଇ ମହାକାଶରେ ଅନନ୍ତ ସମୟ ପାଇଁ ଶ୍ରୁତ ହେବାରେ ଲାଗିଲା।

ଚାରିଶହ ବତିଶରୁ ଚାରି ଶତ ପଚାଶ କୋଟି ବର୍ଷ ପରେ।

ହଠାତ୍ ବିଷ୍ଣୁଙ୍କ ପଦ୍ମ ପାଦର ଆଘାତ ଫଳରେ ଏଥିରେ ଏକ ପ୍ରଚଣ୍ଡ(ଏକ ପଦ୍ମ କଳ୍ପ ପରିମିତ ସମୟର ଆତ୍ମ ଶକ୍ତି) ବିସ୍ଫୋରଣ ସୃଷ୍ଟି ହେଲା ।

ସେହି ବିସ୍ଫୋରଣରେ ସେହି ସୁବର୍ଣ୍ଣ ଅଣ୍ଡର ଗୋଟିଏ ପାର୍ଶ୍ୱ ଚତୁର୍ଭାଗ ହୋଇଗଲା ।

ଅଥଚ ପ୍ରତ୍ୟେକ ଖଣ୍ଡ ନିଷ୍କ୍ରିୟ ଓ ସ୍ଥିର ହୋଇ ରହିଗଲେ। ପୁଣି ସୁବର୍ଣ୍ଣ ଅଣ୍ଡର ପଞ୍ଚମ ଖଣ୍ଡ ବିସ୍ଫୋରଣ ହେଲାସେଥିରୁ ଏକ ଉଜ୍ଜ୍ୱଳ ନକ୍ଷତ୍ର ସୃଷ୍ଟି ହେଲା ଓ ତାହାର ଚତୁଃ ପାର୍ଶ୍ୱରେ ସାତଟି ଖଣ୍ଡ ଭାସି ବୁଲିଲେ। ପୁଣି ସେହି ସପ୍ତ ତାରକା ମଧ୍ୟରୁ ଗୋଟିଏ ପ୍ରକାଣ୍ଡ ତାରକର ଆକର୍ଷଣରେ ଅନ୍ୟ ଏକତାରକା ଆକର୍ଷିତ ହେବାରୁ ଧକ୍କା ହେଲା। ସେଥିରୁ ଏକ ବୃହତ୍ତ ନକ୍ଷତ୍ର ସୃଷ୍ଟି ହେଲା ଓ ତାର ଚତୁଃପାର୍ଶ୍ୱରେ ଆଉ ଆଠଟି ଗ୍ରହ, ଉପ ଗ୍ରହ ଓ ବାମନ ଗ୍ରହ ଘୁରିବୁଲିଲେ।

ଅନ୍ୟ ଏକ ନକ୍ଷତ୍ରରେ ବିସ୍ଫୋ ବି ରଣ ହେଲା । ଏହା ମଧ୍ୟ ଏକ ନକ୍ଷତ୍ରକୁ ଧକ୍କା ଦେଇଥିଲା। ଏଥିରୁ ଷୋହଳ ଟିତାରକା ସୃଷ୍ଟି ହୋଇ ବିରାଜିତ ହେଲେ। ପୁଣି ଥରେଏହି ନକ୍ଷତ୍ର ସହ ଅନ୍ୟ ଏକ ନକ୍ଷତ୍ରର ମିଳନ ହେବାରୁ ବିସ୍ଫୋରଣ ହେଲା ଓ ଷାଠିଏଟି ତାରକା ସୃଷ୍ଟି ହେଲେ। କ୍ରମେ ଏହିଭଳି ବାରମ୍ବାର ବିସ୍ଫୋରିତ ହେଉଥିବା ତାରକା ମାନେ ଶୁଭ୍ର ପୁଷ୍ପପୁଞ୍ଜ ସଦୃଶ ଛାୟାପଥ ମାନ ସୃଷ୍ଟି କଲେ।

ପୁଣି କୋଟି, କୋଟି ବର୍ଷପରେ ସୃଷ୍ଟି ତତ୍ତ୍ୱ ଓ ନକ୍ଷତ୍ର ମାନଙ୍କ ଉପରେ ଗବେଷଣା କରୁଥିବା ଯୋଗ ସାଧକ, ବ୍ରହ୍ମ ଜ୍ଞାନୀ ଓ ଜ୍ୟୋତିର୍ବିଦ ମାନେ ନିଜର ଇଷ୍ଟ ପୁରୁଷ ବା ଆରାଧ୍ୟଙ୍କ ନାମ ଅନୁସାରେ ନକ୍ଷତ୍ର ମାନଙ୍କର ନାମ କରଣ କରୁ ଥିଲେ।

ଏହା ଦ୍ୱାରା ସେମାନେ ଆକାଶ ମଣ୍ଡଳରେ ନିଜର ଆସ୍ଥାନ ଦୃଢ କରି ଯୁଗେ, ଯୁଗେ ପୃଥିବୀ ବାସୀ ବା ଭାରତ ବାସୀଙ୍କର ସ୍ମରିତ ହୋଇ ରହିବେ ବୋଲି ସେମାନଙ୍କର ବିଶ୍ୱାସ ଥିଲା।(କ୍ରମଶଃ...)

+ବାଲିଝରି, ଜାନପୁର, ବଡ଼ମ୍ବା, କଟକ

ଶାନ୍ତି କେଉଁଠି ଅଛି

ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ୍

ଶାନ୍ତି ଏକ ପବିତ୍ର ଶବ୍ଦ ଯାହା ଆତ୍ମା କୁ ପରମାତ୍ମାଙ୍କ ସହିତ ଯୋଡିଥାଏ। ଶାନ୍ତି ମାଗିଲେ ମିଳେନି, କିଣାଯାଇ ପାରେନି, ଛଡେଇ ଆଣି ହୁଏନି। ଦୁନିଆ ଠିକା ନେଇନି ଆମକୁ ଶାନ୍ତି ଦେବାକୁ। ଆମେ ସମସ୍ତେ ଶାନ୍ତି ଚାହାଁନ୍ତି। ମନରେ, ଘରେ, ବାହାରେ, କାର୍ଯ୍ୟକ୍ଷେତ୍ରରେ ସର୍ବୋପରି ବିଶ୍ୱରେ ଶାନ୍ତି ଚାହାଁନ୍ତି। ଆମେ କେବଳ ଚାହାଁନ୍ତି, କେବେ ଶାନ୍ତି ପାଇଁ ଚେଷ୍ଟା କରନ୍ତିନି। ଆମର ଅଶାନ୍ତି ପାଇଁ ଅନ୍ୟକୁ ଆରୋପ କରନ୍ତି। ହେଲେ ଆମେ କାହିଁକି ବୁଝି ପାରନ୍ତିନି ଶାନ୍ତି କୁଆଡୁ ଆସେନାହିଁ କାରଣ ଶାନ୍ତି ଆମ ସଂସ୍କାରରେ, ଚିନ୍ତାଧାରାରେ, ପ୍ରକୃତିରେ, ସ୍ୱଭାବରେ, ସଂସାରରେ, ସଂସ୍କୃତିରେ ଏବଂ ଆମ ଆତ୍ମା ସହିତ ପ୍ରଥମରୁ ଓତଃପ୍ରୋତ ଭାବରେ ଜଡ଼ିତ ଅଛି। ଆମକୁ ନିଜର ମେଧାଦ୍ୱାରା, ଆତ୍ମତର୍ଜମା ଦ୍ୱାରା ଶାନ୍ତିକୁ ଉପଲବ୍ଧି କରିବାକୁ ପଡିବ। ନିଜ ମନର ବିକାର, ଆକାଂକ୍ଷା, ଦ୍ୱେଷ, ଲୋଭ, ପରଶ୍ରୀକାତରତା, ଘୃଣା ଓ ଭୟ ଭଳି ନକରାତ୍ମକ ଶକ୍ତିକୁ ନଷ୍ଟକରି ଆମ ଭିତରେ ସକାରାତ୍ମକ ଉର୍ଜା ବଢାଇ ନିଜ ଶାନ୍ତ ସ୍ୱରୂପ ଆତ୍ମାକୁ ଚିହ୍ନିବାକୁ ପଡିବ।

ଭାବିନିଅନ୍ତୁ ଆପଣ ଜଣେ ଅଭିନେତା ବା ଅଭିନେତ୍ରୀ। ମଞ୍ଚରେ ନାଟକ କଲାବେଳେ କେବେ ନାୟକ କେବେ ଖଳନାୟକ, କେବେ କମେଡିୟାନ୍ କେବେ ଯୋଗୀ ତ କେବେ ତ୍ୟାଗୀ ଚରିତ୍ରରେ ଅଭିନୟ କରନ୍ତି। ନାଟକ ପୂର୍ବରୁ ଏବଂ ପରେ ଆପଣ ନିଜ ଚରିତ୍ରରେ ରହିଥାନ୍ତି। କେବେ ଆପଣ ଦର୍ଶକ ହୋଇ ନାଟକ ବି ଦେଖନ୍ତି। ନାୟକ ଚରିତ୍ରରେ ଖୁସି ହୁଅନ୍ତି, ଖଳନାୟକ ଚରିତ୍ରକୁ ଘୃଣା କରନ୍ତି, ତ୍ୟାଗୀ ଚରିତ୍ର ଦେଖି ବାଃ ବାଃ କରନ୍ତି ଏବଂ ମନ୍ଥରା ଭଳି ଚରିତ୍ର ଦେଖି ଆକ୍ରୋଶ ମଧ୍ୟ କରନ୍ତି। ଯେମିତି ଆପଣ ଜାଣନ୍ତି ନାଟକର କେଉଁ ପାତ୍ର ସମାଜ ପାଇଁ ଉପଯୋଗୀ ଏବଂ କିଏ ଅନୁପଯୋଗୀ। କେଉଁ ଚରିତ୍ରର ଅଭିନୟରେ ଆପଣ ତାଳି ବି ମାରନ୍ତି। ଠିକ୍ ସେମିତି ଈଶ୍ୱରଙ୍କ ରଙ୍ଗମଞ୍ଚରେ ଅଭିନୟ କରୁଥିବା ଆମେ ସମସ୍ତେ ଜଣେ ଜଣେ କଳାକାର। ଆମକୁ କେବଳ ସଂସାରରେ ଆମର କର୍ତ୍ତବ୍ୟ କରିବାର ଅଛି। ଯେମିତି ନାଟକର କଳାକାର ସେଇ ଚରିତ୍ର ନେଇ ଘରକୁ ଫେରେନି, ନାଟକ ପରେ ନିଜ ପରିଚୟକୁ ଫେରିଆସେ। ଠିକ୍ ସେମିତି ଆମ ଅଭିନୟ ପରେ ଆମକୁ ପରମାତ୍ମାଙ୍କ ପାଖକୁ ଫେରିଯିବାର ଅଛି। ତେବେ ଏ ଜୀବନ ନାଟକ ମୋହରେ ଏତେ ଆଶା, ଆକାଂକ୍ଷା, କ୍ରୋଧ, ଭୟ, ମୋହ, ଅଶାନ୍ତି କାହିଁକି !!?

ଚାଲନ୍ତୁ ନା ଆମେ ନିଜକୁ ଅଭିନେତାଟିଏ ଭାବି ସଂସାରରେ କେବଳ ଦାୟିତ୍ୱସମ୍ପନ୍ନ କରିବା।କାହାଠୁ କିଛି ଆଶା କରିବାନି, ମାଗିବାନି, ଚାହିଁବାନି, ଦୋଷାରୋପ କରିବାନି, ଅଭିମାନ କି ଅଭିଯୋଗ କରିବାନି। କେବଳ ଆନନ୍ଦ ଦେବା, ଶ୍ରଦ୍ଧା ଦେବା, ଆତ୍ମୀୟତା ଦେବା, ଆଦର ଦେବା, ସହଯୋଗ ଦେବା, କ୍ଷମା ଦେବା। 'ଦେବା' ହିଁ ତ 'ଦେବତା'ର ଅର୍ଥ। ଦେବତା ହିଁ ତ ଶାନ୍ତିର ଅନ୍ୟନାମ।

ବିଶ୍ୱରେ ଶାନ୍ତି କାମନା କରି ଚାଲନ୍ତୁ ଆମ ଭିତରେ ଥିବା ଶାନ୍ତସ୍ୱରୁପ ପବିତ୍ର ଆତ୍ମାଙ୍କୁ ଚିହ୍ନିବା, ଶାନ୍ତିରେ ରହିବା, ଶାନ୍ତି ବାଣ୍ଟିବା। ଓଁ ଶାନ୍ତି।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

ଆଜିର କବିତା

ମାପକାଠି

ରତ୍ନପ୍ରଭା ବାଇ

ପାପ ନଥିଲେ ମାପି ହୁଅନ୍ତା କି,
ପୁଣ୍ୟର ଗଭୀରତା
ପଙ୍କ ନଥିଲେ ଫୁଟନ୍ତା ପଦ୍ମ କି,
ଗନ୍ଧେ ଭରି ମାଦକତା।

ଅଙ୍ଗେ ନଲିଭିଲେ ବୁଝି ହୁଅନ୍ତା କି,
କାହା ବୁକୁ ତଳେ ବ୍ୟଥା ।

କଳଙ୍କ ନଥିଲେ ବୁଝି ହୁଅନ୍ତା କି,
ପ୍ରେମ କେତେ ପବିତ୍ରତା
ବିଚ୍ଛେଦ ନଥିଲେ ଚାଖି ହୁଅନ୍ତା କି,
ମିଳନର ମଧୁରତା ।

ବନ୍ଧନ ନଥିଲେ ମୁକ୍ତିର ଆନନ୍ଦ
ମନକୁ କାହିଁ ମିଳନ୍ତା
ବଞ୍ଚିତ ନହେଲେ ବିଭୁ ନାମ ଧରି
କିଏ ବା, କାହିଁ ଡାକନ୍ତା।

ଯାତନା ନଥିଲେ ଜାଣି ହୁଅନ୍ତା କି,
ଜୀବନ କେତେ ନିରୁତା
ଜ

ସମର କରାଟେ ଓ ଟାଇକଣ୍ଡୋ କୋଚିଂ କ୍ୟାମ୍ପ ଉଦ୍‌ଯାପିତ : ପ୍ରକୃତି ମିତ୍ରଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର, ୨୧/୦୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନ ଓ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ଏସୋସିଏସନ ତରଫରୁ ଚାଲିଥିବା ସମର କ୍ୟାମ୍ପ ଆଜି ଉଦଯାପିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନର ସଂପାଦକ ଅସୀମ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଲୋକସଭା ସଦସ୍ୟ ସଂଗୀତା କୁମାରୀ ସିଂଦେଓ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଟିଭି ବ୍ୟୁରୋ ଚିଫ୍ ମନରଞ୍ଜନ ଯୋଷୀ ଯୋଗ ଦେଇଥିଲେ । ଏହି ଅବସରରେ କରାଟେ ଅର୍ଗାନାଇଜେସନର ସଂପାଦକ ଅସୀମ କୁମାର ଭୋଇ ରାଜ୍ୟ ସରକାରଙ୍କ ଠାରୁ ପ୍ରକୃତି ମିତ୍ର ପୁରସ୍କାର ପାଇଥିବାରୁ ତାଙ୍କୁ ଅତିଥିଗଣ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କରାଟେ ଅର୍ଗାନାଇଜେସନର ନିଜସ୍ୱ ଭିତିଭୂମି ପାଇଁ ଜିଲ୍ଲାପାଳଙ୍କ ସଙ୍ଗେ ଯୋଗାଯୋଗ କରିବା ସଙ୍ଗେ ସଙ୍ଗେ ଅନୁଷ୍ଠାନ ପାଇଁ ଏକ ଟ୍ରେନିଂ ହଲ୍ ତିଆରି କରାଯିବ ବୋଲି ମୁଖ୍ୟ ଅତିଥି ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଏହି ଅନୁଷ୍ଠାନ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବା ସଙ୍ଗେ ସଙ୍ଗେ ଯଦି ସମାଜ ରକ୍ଷା ସୁରକ୍ଷା ଦେଇପାରନ୍ତା ତାହା ହେଲେ ସମଗ୍ର ସମାଜ ଉପକୃତ ହୋଇପାରନ୍ତା ଏବଂ ଦଶନ୍ଧୀ ଧରି ଚାଲିଥିବା ଏହି ସଂଗଠନର ନିଜସ୍ୱ ଟ୍ରେନିଂ ହଲର ଆବଶ୍ୟକତା ରହିଥିବା ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରୀୟାଂଶି ଦାଶ ପରିଚାଳନା କରିଥିବା ବେଳେ ପ୍ରକୃତି ମିଶ୍ର, ଅସୀମ ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ ।

ଜିଲ୍ଲାର ବିଭିନ୍ନ କମ୍ପାନୀ କର୍ତ୍ତୃପକ୍ଷ ବର୍ଜ୍ୟ ପାଉଁଶର ସଠିକ୍ ପରିଚାଳନା ପାଇଁ ନିର୍ଦ୍ଦେଶ

ଝାରସୁଗୁଡ଼ା, ୨୧/୦୬ (ନି.ପ୍ର): ଜିଲ୍ଲାର ବିଭିନ୍ନ କମ୍ପାନୀ କର୍ତ୍ତୃପକ୍ଷ ବର୍ଜ୍ୟ ପାଉଁଶର ସଠିକ ପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ଆବୋଲୀ ସୁନିଲ ନରଓ୍ୱଣେ। ଏ ନେଇ ଜିଲ୍ଲାରେ ଥିବା ବିଭିନ୍ନ କମ୍ପାନୀ କର୍ତ୍ତୃପକ୍ଷମାନଙ୍କୁ କେନ୍ଦ୍ର ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରଦୂଷଣ ସଂକ୍ରାନ୍ତୀୟ ନୀତିନିୟମ ସମ୍ପର୍କରେ ଜିଲ୍ଲାପାଳ ଅବଗତ କରାଇବା ସହ କମ୍ପାନୀ କର୍ତ୍ତୃପକ୍ଷ ସମସ୍ତ ନୀତି ନିୟମର ସଠିକ ଅନୁପାଳନ ପୂର୍ବକ ବର୍ଜ୍ୟ ପାଉଁଶର ପରିଚାଳନା ପାଇଁ ପରାମର୍ଶ ଦିଆଯାଇଛି। ନିୟମ ଅବମାନନାକାରୀଙ୍କ ବିରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି. ପରମାର, ପ୍ରବନ୍ଧକ ନିର୍ଦ୍ଦେଶକ(ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ସମେତ ଆର୍‌ଟିଓ, ତହସିଲଦାର ଓଓପିଜିସି, ଏମ୍‌ସିଏଲ୍ ଓ ବେଦାନ୍ତ ଆଦି କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ।

ପାଇପ ଲାଇନ ପାଇଁ ରାସ୍ତା ଖୋଳିଥିବାରୁ ଜୋରିମାନା ଆଦାୟ

ଜୟପୁର, ୨୧/୦୬ (ନି.ପ୍ର): ବେଆଇନ ଭାବେ ପାଇପ ଲାଇନ ପାଇଁ ରାସ୍ତାକୁ ଖନନ କରିଥିବାରୁ ଜୟପୁର ପୌରପାଳିକା ତରଫରୁ ଜୋରିମାନା ଆଦାୟ କରାଯାଇଛି । ଜୟପୁର ପାରାବେଢା ବ୍ଲକ ଅଫିସ ନିକଟରେ ଦୁଇ ଜଣ ଲୋକ ବେଆଇନ ପାଇପ ଲାଇନ ପାଇଁ ରାସ୍ତା ଖନନ କରିଥିବାରୁ ଉକ୍ତ ମାଲିକକୁ ଟଙ୍କା ଆଦାୟ ସହ ଖୋଳା ଯାଇଥିବା ରାସ୍ତାକୁ ଠିକ କରାଯାଇ ଥିବା ଜୟପୁର ପୌର କାର୍ଯ୍ୟନିର୍ବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି । ଗୋଟିଏ ଲୋକ ପିଛା ୨ ହଜାର ଟଙ୍କା ହିସାବରେ ୪ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଏନେଇ ଗତ ଦିନରେ ପୌର ପାଳିକା ତରଫରୁ ସଚେତନ କରାଯାଇଥିଲା । ପୌର ପାଳିକାର ବିନା ଅନୁମତିରେ ରାସ୍ତା ଖୋଳିଲେ ଜୋରିମାନା ଆଦାୟ କରାଯିବ । କିନ୍ତୁ ପୌର ପାଳିକାର ନିର୍ଦ୍ଦେଶକୁ ଅବମାନାନା କରି ରାସ୍ତା ଖୋଳୁଥିବାରୁ ପଦକ୍ଷେପ ନିଆଯାଇଛି ।

ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା, ୨୧/୦୬ (ନି.ପ୍ର): କିର୍ମିରା ଫଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଆଜି ମୋଟ ୨୫ଟି ଅଭିଯୋଗ ଶୁଣାଣି ହୋଇଛି। ଏଥିମଧ୍ୟରୁ ୬ଟି ସାମୁହିକ ଓ ୧୯ଟି ବ୍ୟକ୍ତିଗତ। ଜିଲ୍ଲାପାଳ ଆବୋଲୀ ସୁନିଲ ନରଓ୍ୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି. ପରମାର, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟ କୁମାର ସାହୁ, ଫଂଚାୟତ ସମିତି ଉପାଧ୍ୟକ୍ଷା ସାବିତ୍ରୀ ମାଝୀ, ଜିଲ୍ଲା ପରିଷଦ ସଭ୍ୟା ରୀତା ବାଗ ସହକାରୀ ଜିଲ୍ଲାପାଳ ହରେନ କୁମାର ସାହୁଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ରେଙ୍ଗାଲିପାଲି ଫଂଚାୟତରେ ନୂତନ ନଳକୂପ ଖନନ, କାକୁ ବଗିଚାରେ କାକୁ ବୃକ୍ଷ ରୋପଣ, ନକ୍ସାପାଲିରେ ମରୁଡ଼ି ସହାୟତା ପ୍ରଦାନ ସମ୍ବନ୍ଧୀୟ ୬ଟି ସାମୁହିକ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଜମି ବିବାଦ, ଗାଈ ଗୁହାଳ ନିର୍ମାଣ ବାବଦକୁ ବକେୟା ଅର୍ଥ, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ଭୀମଜୋର ପଶୁ ଚିକିତ୍ସାଧିକାରୀଙ୍କ କାର୍ଯ୍ୟରେ ଅନୁପସ୍ଥିତି, କିର୍ମିରା ମଝିବାହାଲ ରାସ୍ତାରେ ଥିବା ମଦ ଦୋକାନ ସ୍ଥାନାନ୍ତରଣ ଆଦି ୧୯ଟି ବ୍ୟକ୍ତିଗତ ଅଭିଯୋଗଗୁଡ଼ିକ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସମସ୍ୟା ସମାଧାନ ପାଇଁ ଜନ ଅଭିଯୋଗ ଶୁଣାଣି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଯଥା ସମୟରେ ସମସ୍ୟା ସମାଧାନ ପାଇଁ ଅଧିକାରୀମାନେ ତତ୍ପର ହେବା ସହ ଜନ ଶୁଣାଣି ଅଭିଯୋଗଗୁଡ଼ିକରେ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବାକୁ ତାଗିଦ କରିଥିଲେ।

ଯାଜପୁରରେ ବିଭିନ୍ନ ସ୍ଥାନରେ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ

ଧର୍ମଶାଳା, ୨୧/୦୬ (ନି.ପ୍ର): ଆଜି ହେଉଛି ପବିତ୍ର ରଥଯାତ୍ରା । ଏହି କ୍ରମରେ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବ୍ଲକରେ ଧର୍ମଶାଳା ମୁନସୀ ମିଳନ କମିଟି ଓ ଭାଲୁଖାଇ ଜଗନ୍ନାଥ ମନ୍ଦିର କମିଟି ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ଏହି ରଥଯାତ୍ରା ନବମ ବର୍ଷରେ ପଦାର୍ପଣ କରିଛି । ଏହି ରଥଯାତ୍ରା ଉତ୍ସବ ବଡ ଧୂମଧାମରେ ପାଳନ କରାଯାଇଛି । ଏହି ଅବସରରେ ଆଜି ସକାଳୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଯଥାରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ଫଂହଣ୍ଡି କରାଯାଇ ରଥାରୂଢ କରାଯାଇଥିଲା । ପରମ୍ପରା ଅନୁଯାୟୀ ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ରଥରେ ଛେରା ଫଂହରା କରିଥିଲେ । ପରେ ଯଥାବିଧି ପୂଜାର୍ଚ୍ଚନା କରାଯିବା ପରେ ରଥ ଟଣା ହୋଇଥିଲା । ଏଥିରେ ଧର୍ମଶାଳା ଅଂଚଳର ଜଗନ୍ନାଥ ପ୍ରେମୀ ଓ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସରରୁ ଧର୍ମଶାଳା ହାଟ ପଡିଆସ୍ଥିତ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ରଥକୁ ଟାଣି ନେଇଥିଲେ । ଏହି ଯାତ୍ରାକୁ ଶନ୍ତିଶୃଙ୍ଖଳାର ସହ ସମାପନ କରାଯାଇଥିବା ଦେଖିବାକୁ ମିଳିଥିଲା । ସେହିପରିଭାବେ ବଡଚଣା ବ୍ଲକ ଛତିଆଠାରେ ରୀତିକାନ୍ତି ଅନୁଯାୟୀ ରଥଟଣା ଯାଇଥିଲା । ହଜାର ହଜାର ଭ୍ରକ୍ତମାନଙ୍କ ସମାଗମ ହୋଇଥିଲା । ଛତିଆଠାରୁ ବଡଘୁମରି ପର୍ଯ୍ୟନ୍ତ ରଥ ଟଣା ଯାଇଥିଲା । ଅନୁରୂପଭାବେ ରସୁଲପୁର ବ୍ଲକ ବ୍ରହ୍ମବରଦାଠାରେ ମହା ସମାରୋହରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ସୁକାନ୍ତ ବିଶ୍ୱାଳ ଛେରା ଫଂହାରା କରିବା ପରେ ରଥ ଟଣା ଯାଇଥିଲା । ଚଣ୍ଡିମନ୍ଦିର ଠାରୁ ସାପ୍ତାହିକ ହାଟ ଦୂର୍ଗା ମଣ୍ଡପ ପର୍ଯ୍ୟନ୍ତ ଏହି ରଥ ଟଣା ଯାଇଥିଲା । ବ୍ରହ୍ମବରଦା ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ନିମେନ୍ତ ବ୍ୟାପକ ବ୍ୟସ୍ଥା କରାଯାଇଥିଲା । ସେହିପରିଭାବେ ରସୁଲପୁର ବ୍ଲକ ମହେଶ୍ୱରପୁର ଚାନ୍ଦପୁର ଗ୍ରାମରେ ମହାସମାରୋହରେ ରଥଯାତ୍ରା ଅନୁଷ୍ଠିତ ହୋଇଥିବା ଜଣାପଡିଛି ।

ପାନପତରିଆ ଗ୍ରାମରେ ଯୁବକଙ୍କୁ ହତ୍ୟା

ଚମ୍ପୁଆ, ୨୧/୦୬ (ନି.ପ୍ର): ଚମ୍ପୁଆ ସୀମାନ୍ତ ମୟୂରଭଞ୍ଜ ଜିଲ୍ଲା ଘାଗରବେଡା ଥାନା ଅନ୍ତର୍ଗତ ପାନପତରିଆ ଗ୍ରାମରେ ଜଣେ ଯୁବକକୁ ହତ୍ୟା କରି ତାଙ୍କ ମୃତଦେହକୁ ଫିଙ୍ଗି ଦିଆଯାଇଥିବା ଜଣାପଡିଛି । ରାତିରେ ହତ୍ୟାକାଣ୍ଡ ଘଟାଇ ଦୁର୍ବୃତ ଫେରାର୍ ହୋଇଯାଇଛି । ସକାଳେ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଘାଗରବେଡା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ତେବେ ପ୍ରାଥମିକ ତଦନ୍ତରୁ ଯୁବକ ଜଣକ ଝାରଖଣ୍ଡ ରାଜ୍ୟର ସୀମାନ୍ତ ଜୟନ୍ତୀଗଡ଼ ନିକଟବର୍ତି ଗୁଟୁସାହିର କ୍ରିଷ୍ଣା ସିଙ୍କୁ ବୟସ ପ୍ରାୟ ୨୫ ବର୍ଷ ବୋଲି ଜଣାପଡିଛି । ହତ୍ୟାର କାରଣ ଜଣାପଡି ନ ଥିବାବେଳେ ପୋଲିସର ତଦନ୍ତ ପରେ ପ୍ରକୃତ ରହସ୍ୟ ସାମ୍ନାକୁ ଆସିବ ବୋଲି କୁହାଯାଇଛି ।

ଅମଲାଙ୍କ ଆନ୍ଦୋଳନ ଯୋଗୁ ରାଜସ୍ୱ ସଂଗ୍ରହ ଗୁରୁତର ପ୍ରଭାବିତ: ଜୁନ୍‌ରେ ୧୫୬ କୋଟିରୁ ଅଧିକ ରାଜସ୍ୱ ହାନି

କଟକ, ୨୧/୦୬ (ନି.ପ୍ର): କେବଳ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ୍ ଫି'ରୁ ବର୍ଷକୁ ସରକାର ପାଉଛନ୍ତି ୧୭୮୪ କୋଟିରୁ ଅଧିକ ଟଙ୍କାର ରାଜସ୍ୱ। କିନ୍ତୁ ଅମଲାଙ୍କ ଆନ୍ଦୋଳନ ଯୋଗୁ କେବଳ ଜୁନ୍ ମାସରେ ସରକାର ହରାଇଛନ୍ତି ୧୫୬ କୋଟି ଟଙ୍କାରୁ ଅଧିକ ରାଜସ୍ୱ। ୨୦୨୨, ଜୁନ୍ ମାସରେ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ ଫି' ବାବଦରେ ୧୬୩ କୋଟି ୯୧ ଲକ୍ଷ ୧୭ ହଜାର ୯୫୦ ଟଙ୍କାର ରାଜସ୍ୱ ଆଦାୟ ହୋଇଥିବାବେଳେ ଅମଲାଙ୍କ ଆନ୍ଦୋଳନ ଯୋଗୁ ଏହି ପରିମାଣ ଚଳିତ ବର୍ଷ ୭ କୋଟି ୬୫ ଲକ୍ଷ ୨୦ ହଜାର ୪୧୬ ଟଙ୍କାକୁ ହ୍ରାସ ପାଇଛି। ଆଜିଠାରୁ ଅମଲାଙ୍କ କାର୍ଯ୍ୟ ସ୍ୱାଭାବିକ ହୋଇଥିଲେ ବି ଆଗକୁ କେତେ ରାଜସ୍ୱ ଭରଣା ହେବ ତାହାକୁ ନେଇ ଆଶଙ୍କା ରହିଛି। କିନ୍ତୁ, ଚଳିତବର୍ଷ ମେ ମାସରେ ସର୍ବାଧିକ ୧୮୦ କୋଟି ୫୬ ଲକ୍ଷ ୯୫ ହଜାର ୫୯ ଟଙ୍କା ଷ୍ଟାମ୍ପ ଡ୍ୟୁଟି ଓ ୭୯ କୋଟି ୮୧ ଲକ୍ଷ ୯୯ ହଜାର ୪୨୦ ଟଙ୍କା ଫଂଜୀକରଣ ଟିକସ ଆଦାୟ ହୋଇଛି। ରାଜ୍ୟରେ ୨୦୨୨, ଜୁଲାଇରୁ ୨୦୨୩ ଜୁନ ୧୭ ତାରିଖ ସୁଦ୍ଧା ଷ୍ଟାମ୍ପ ଡ୍ୟୁଟି ବାବଦରେ ୧୨୨୫ କୋଟି ୧୪ ଲକ୍ଷ ୮ ହଜାର ୩୭୬ ଟଙ୍କା ଓ ରେଜିଷ୍ଟ୍ରସନ୍ ଫି ବାବଦରେ ୫୫୯ କୋଟି ୯୩ ଲକ୍ଷ ୮୪ ହଜାର ୯୬୮ ଟଙ୍କା, ଏଭଳି ଭାବେ ମୋଟ ୧୭୮୪ କୋଟି ୯୫ ଲକ୍ଷ ୩୩ ହଜାର ୩୪୪ ଟଙ୍କାର ରାଜସ୍ୱ ଆଦାୟ ହୋଇଛି। ତଥ୍ୟ ଅନୁଯାୟୀ, ଜୁଲାଇ ୨୦୨୨ରେ ସରକାର ଷ୍ଟାମ୍ପ ଡ୍ୟୁଟି ବାବଦକୁ ୧୨୯ କୋଟି ୫୬ ଲକ୍ଷ ୬୬ ହଜାର ୭୬୬ ଟଙ୍କା ଓ ପଞ୍ଜୀକରଣ ଫି' ବାବଦକୁ ୫୭ କୋଟି ୯୮ ଲକ୍ଷ ୨୭ ହଜାର ୬୩୯ଟଙ୍କା ପାଇଥିବାବେଳେ ଅଗଷ୍ଟରେ ତାହା ହ୍ରାସ ପାଇଥିଲା। ୨୦୨୨, ଅଗଷ୍ଟରେ ଷ୍ଟାମ୍ପ ଡ୍ୟୁଟି ବାବଦକୁ ୮୩ କୋଟି ୨୯ ଲକ୍ଷ ୬୫ ହଜାର ୯୨୯ ଟଙ୍କା ଓ ପଞ୍ଜୀକରଣ ଫି' ବାବଦକୁ ୩୯ କୋଟି ୯୫ ଲକ୍ଷ ୬ ହଜାର ୯୫୯ ଟଙ୍କାର ରାଜସ୍ୱ ପାଇଥିଲେ ସରକାର। ସେହିପରି, ସେପଟେମ୍ବରରେ ଷ୍ଟାମ୍ପ ଡ୍ୟୁଟି ବାବଦକୁ ୯୧ କୋଟି ୮୬ ଲକ୍ଷ ୩ ହଜାର ୨୭୦ ଓ ପଞ୍ଜୀକରଣ ଫି' ବାବଦକୁ ୪୪ କୋଟି ୮ ଲକ୍ଷ ୨୯ ହଜାର ୯୧୪ ଟଙ୍କା, ଅକ୍ଟୋବରରେ ଷ୍ଟାମ୍ପ ଡ୍ୟୁଟି ବାବଦରେ ୬୯ କୋଟି ୭ ଲକ୍ଷ ୫୦ ହଜାର ୧୪୨ ଟଙ୍କା ଓ ପଞ୍ଜୀକରଣ ଫି' ବାବଦରେ ୩୨ କୋଟି ୮୧ ଲକ୍ଷ ୯ହଜାର ୭୫୩ ଟଙ୍କା, ନଭେମ୍ବରରେ ୯୩ କୋଟି ୭୨ ଲକ୍ଷ ୯୯ ହଜାର ୫୧୩ ଟଙ୍କା ଷ୍ଟାମ୍ପ ଡ୍ୟୁଟି ଓ ୪୩ କୋଟି ୯୩ ଲକ୍ଷ ୧୬ ହଜାର ୭୪୦ ଟଙ୍କା ପଞ୍ଜୀକରଣ ଫି', ଡିସେମ୍ବରରେ ୧୭୩ କୋଟି ୬୯ ଲକ୍ଷ ୯୧ ହଜାର ୨୦୪ ଟଙ୍କା ଷ୍ଟାମ୍ପ ଡ୍ୟୁଟି ଓ ୭୦ କୋଟି ୯୪ ଲକ୍ଷ ୮୨ ହଜାର ୭୮୬ ଟଙ୍କା ପଞ୍ଜୀକରଣ ଫି', ୨୦୨୩ ଜାନୁଆରିରେ ଷ୍ଟାମ୍ପ ଡ୍ୟୁଟି ବାବଦକୁ ୯୮ କୋଟି ୧ ଲକ୍ଷ ୩୭ ହଜାର ୪୬୪ ଟଙ୍କା ଓ ପଞ୍ଜୀକରଣ ଫି' ବାବଦକୁ ୪୬ କୋଟି ୫୮ ଲକ୍ଷ ୩୩ ହଜାର ୩୦୦ ଟଙ୍କା, ଫେବୁଆରିରେ ଷ୍ଟାମ୍ପ ଡ୍ୟୁଟି ବାବଦକୁ ୯୭ କୋଟି ୨୧ ଲକ୍ଷ ୮୫ ହଜାର ୬୩୦ ଟଙ୍କା ଓ ପଞ୍ଜୀକରଣ ଫି' ବାବଦକୁ ୪୬ କୋଟି ୨୫ ଲକ୍ଷ ୭୩ ହଜାର ୪୭୫ ଟଙ୍କା, ମାର୍ଚ୍ଚରେ ଷ୍ଟାମ୍ପ ଡ୍ୟୁଟି ବାବଦକୁ ୯୬ କୋଟି ୯୦ ଲକ୍ଷ ୩୭ ହଜାର ୭୦୦ ଟଙ୍କା ଓ ପଞ୍ଜୀକରଣ ଫି' ବାବଦରେ ୪୬ କୋଟି ୧୨ ଲକ୍ଷ ୫୦ ହଜାର ୭୧୩ ଟଙ୍କା, ଏପ୍ରିଲରେ ଷ୍ଟାମ୍ପ ଡ୍ୟୁଟି ବାବଦକୁ ୧୦୫ କୋଟି ୭୧ ଲକ୍ଷ ୭୯ ହଜାର ୯୫୬ ଟଙ୍କା ଓ ପଞ୍ଜୀକରଣ ଫି' ବାବଦରେ ୪୯ କୋଟି ୧୫ ଲକ୍ଷ ୬୪ ହଜାର ୫୯୬ ଟଙ୍କା ରାଜସ୍ୱ ସରକାର ପାଇଥିବା ଆଇଜିଆର ତଥ୍ୟରୁ ଜଣାପଡିଛି।

ଭବାନୀପାଟଣା ସହରରେ ଘରକୁ ପଶିଲା ମଇଳା ପାଣି: ଲୋକେ ହନ୍ତସନ୍ତ

ଭବାନୀପାଟଣା, ୨୧/୦୬ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସହର ରେ ପ୍ରବଳ ଝଡ଼ ତୋଫାନ ବର୍ଷାରେ ସହରର ଅନେକ ସ୍ଥାନ ରେ ମାଇଲା ପାଣି ପଶିବା ଫଳରେ ଲୋକେ ହନ୍ତସନ୍ତ, ଘର ଦ୍ୱାର ରେ ପାଣି ପଶିବାରୁ ବିଶେଷ ଅସୁବିଧାରେ ହୋ ହାଲା, ଘଟଣାରୁ ପ୍ରକାଶ ଯେ ଆଜି ଅପରାହ୍ନ ରେ ପ୍ରବଳ ଝଡ଼ ତୋଫାନ ବର୍ଷା ହେବାରୁ ଏପରି ଅଭାବନୀୟ ଘଟଣା ଘଟିଛି, ମୁନସିପାଲଟି ଅଧକ୍ଷା ସଂଯୁକ୍ତା ବେହେରା, କାଉନସିଲ ଭୁବନେଶ୍ୱର ବାଗ, ମୁନସିପାଲଟି ଅଧିକାରୀ ସମୀର ଠାକୁର ଇତ୍ୟାଦି ଗତ ବର୍ଷ ଏପରି ପରିସ୍ଥିତି ବେଳେ ଆସି ପ୍ରତିକାର କରିବାର ପ୍ରତିଶ୍ରୁତି ଦେଇ କ୍ଷତିଗ୍ରସ୍ତ ଲୋକମାନଙ୍କୁ ଆଶ୍ୱାସନା ଦେଇ ଥିଲେ ମଧ୍ୟ ଏଯାବତ କୌଣସି ସୁବ୍ୟବସ୍ଥା ନକରିବାରୁ ସାଧାରଣରେ ଆସନ୍ତି ପ୍ରକାଶ ପାଉଛି, ବର୍ତମାନ ଜୁନ ମାସ ଚାଲୁଛି ପ୍ରାୟ ଅଧା ଘଂଟାର ବର୍ଷାରେ ଏପରି ପରିସ୍ଥିତି ହେଲେ ଆଗାମୀ ବର୍ଷା ସମୟରେ କଣ ପରିସ୍ଥିତି ସୃଷ୍ଟି ହେବ, ମୁନସିପାଲଟି, ପ୍ରଶାସନ ଆସୁ ପ୍ରତିକାର, ନାଳ ନର୍ଦମାକୁ ଠିକ ନକରନ୍ତି ତା ହେଲେ ବିରାଟ ସମସ୍ୟାକୁ ଦାୟୀ ରହିବେ. ମୁନସିପାଲଟି ବିଭାଗ ନିରବ ଦ୍ରଷ୍ଟା କାହିଁକି, ଲୋକମାନେ କେମିତି ରହିବେ, ବଂଚିବେ, ଜିଲ୍ଲା ପ୍ରଶାସନ ଏ ଦିଗରେ କଡା ନଜର ଦେବାକୁ ସାଧାରଣରେ ଦାବି ହେଉଛି।

ଚୋରା କରତ କଳ ଉପରେ ଚଢ଼ଉ

ଜୟପୁର, ୨୧/୦୬ (ନି.ପ୍ର): ଜୟପୁର ବନାଚଂଳ ତରଫରୁ ସହର ନିକଟ ଫୁଲବାଡ ଗ୍ରାମରେ ଦୁଇଟି ସ୍ଥାନରେ ଚାଲିଥିବା ଚୋରା କରତ କଳ ଉପରେ ଚଢଉ କରାଯାଇଛି । ଗ୍ରାମରେ ଚୋରା କରତ କଳ ଚାଲିଥିବା ବେଳେ ଲକ୍ଷାଧିକ ଟଙ୍କାର କାଠ, ଯନ୍ତ୍ରପାତି, କାଠ କାଟିବା ସରଞ୍ଜାମ, କାଠ ବୋଝେଇ ଡାଲା ଅଟୋ, ମୋଟର, ପଟା, ଶାଳ କାଠ ଓ ବାଇକକୁ ଜବତ କରିଛି । ଏହି ମାମଲାରେ କାହାକୁ ଗିରଫ କରାଯାଇନାହିଁ । ଏକ ଘରେ ଏହି ସବୁ ଜିନିଷ ଥିବା ବେଳେ ଏହି ସବୁ ଜିନିଷର ମାଲିକାନା କେହି ନାହାଁନ୍ତି। ଏହି ଚଢଉରେ ବନାଚଂଳ ଅଧିକାରି ସଚିଦା ନନ୍ଦ ପରିଡା, ଫରେଷ୍ଟର ରଞ୍ଜିତା ନାୟକ, ସୁଶିଳ ମହାନ୍ତି, ଅରୁଣ ଜେନା, ଫରେଷ୍ଟ ଗାର୍ଡ ଅନିଲ ଦାସ, ଗୌତମ ସ୍ୱାଇଁ, ସିଏଚ କାଲୋ, କଳ୍ପନା ନାୟକଙ୍କ ସହ ପାରା ଷ୍ଟାଫ ସାମିଲ ଥିଲେ ।

ରୁଚିର ୪୮ତମ ବାର୍ଷିକ ଉତ୍ସବ ସମାରୋହ: ତନୟା ପଟ୍ଟନାୟକ ଓ ପଙ୍କଜ ଜାଲ୍‌ଙ୍କୁ 'ରୁଚି କଳା ସମ୍ମାନ'

କଟକ, ୨୧/୦୬ (ନି.ପ୍ର): ଓଡ଼ିଶାର ସଫଳ ଶିଳ୍ପୋଦ୍ୟୋଗ 'ରୁଚିର ୪୮ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଶ୍ରୀ ଲକ୍ଷେଶ୍ୱର ମଣ୍ଡପରେ 'ରୁଚିର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି, ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର ଟ୍ରଷ୍ଟି ଡକ୍ଟର ସୌରେନ୍ଦ୍ର କୁମାର ମହାପ

ଆନ୍ତର୍ଜାତିକ ଯୋଗ କାର୍ଯ୍ୟକ୍ରମ

କନ୍ଧମାଳ, ୨୧/୦୬ (ନି.ପ୍ର): ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଠାରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ଆନ୍ତର୍ଜାତିକ ଯୋଗ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇ ଅଛି । ଅନୁଷ୍ଠିତ କାର୍ଯ୍ୟ କ୍ରମ କୁ ମୁଖ୍ୟ ଅତିଥି ଭାବରେ ସରକାରୀ ଆଇଟିଆଇ ର ଅଧକ୍ଷ ଇଂ.ପ୍ରକାଶ ଚନ୍ଦ୍ର ସେଠୀ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଓଲୀ ୱେଡ ଅଭିନେତା ତଥା କଣ୍ଠଶିଳ୍ପୀ ଜଳନ୍ଧର ବେହେରା, ଆଇଟିଇ କଲେଜ ର ଅଧାପକ ସ୍ମୃତିରଞ୍ଜନ ଦାସ, ଗୌରବ ମହାପାତ୍ର, ଦେବାଶିଷ ବ୍ରହ୍ମା, ସିତୁ ସାମନ୍ତ ବାଡ଼ିକ ଏବଂ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ର ସହ କର୍ମୀ ସତ୍ୟବାନ ଦଳବେହେରା, ପ୍ରମୁଖ ଯୋଗ ଦେଇଥିଲେ । ଯୋଗ ଶିକ୍ଷକ ଭାବରେ ପ୍ରଶାନ୍ତ ଦାସ ଯୋଗ ଦେଇ ତାଲିମ ପ୍ରଦାନ କରୁଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ଶହେରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଥିବା ଛାତ ଛାତ୍ରୀମାନଙ୍କୁ ଅବଗତ କରିଥିଲେ । ବୈଠକ ରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ର ସହକର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟଅତିଥି ଅନ୍ୟାନ୍ୟ ଅତିଥି ଓ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ସ୍ୱାଗତ କରିଥିବାବେଳେ ସ୍ୱେଚ୍ଛାସେବୀ ଚନ୍ଦ୍ରମନି ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

ମାନସିକ ହେଲା ପୂରଣ: ପୁତ୍ର ସନ୍ତାନ ଜନ୍ମଲାଭ ପରେ ଦଣ୍ଡ ପ୍ରଣାମକରି ମହିଳା କଲେ ଜଗା ଦର୍ଶନ

ନୀଳଗିରି , ୨୧/୦୬ (ନି.ପ୍ର): ଦୀର୍ଘ ୧୨ବର୍ଷ ପରେ ନିଜର ମାନସିକ ପୂରଣ ହେଲା ପରେ ଦୀର୍ଘ ତିନି କିଲୋମିଟର ଦଣ୍ଡ ପ୍ରଣାମ କରି ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିଛନ୍ତି ଜୈନିକ ମହିଳା । ପ୍ରାପ୍ତ ସୂଚନା ଅନୁଯାଇ ନୀଳଗିରି ଏନଏ ସି ର ୧୧ନମ୍ବର ୱାର୍ଡ ଷ୍ଟେସନସାହି ଗ୍ରାମର ଭରତ ବେହେରାଙ୍କ ସ୍ତ୍ରୀ ଜୟନ୍ତୀ ବେହେରା ବିବାହର ୧୨ବର୍ଷ ପରେବି ପୁତ୍ର ସନ୍ତାନର ଜନନୀ ହୋଇପାରି ନଥିଲେ । ସେଥି ପାଇଁ ମାନସିକ ଦୁଶ୍ଚିନ୍ତାରେ ଉଭୟ ଦମ୍ପତି ଭାଙ୍ଗି ପଡ଼ିଥିଲେ । ଶେଷରେ ଜଗତର ନାଥ ଜଗନ୍ନାଥଙ୍କ ଠାରେ ପୁତ୍ର ସନ୍ତାନଟିଏ ହେଲେ ଦଣ୍ଡ ପ୍ରଣାମ ଦର୍ଶନ କରିବେ ବୋଲି ମାନସିକ କରିଥିଲେ । ଶେଷରେ କଳିଆଠାକୁର ତାର ଗୁହାରି ଶୁଣିଲେ । ଗତ ୨୦୨୨ ସେପ୍ଟେମ୍ବର ୧୬ ତାରିଖରେ ଏକ ପୁତ୍ର ସନ୍ତାନ ଜନ୍ମଲାଭ କରିବାପରେ ପରିବାରରେ ଖୁସିର ଲହରୀ ଖେଳିଯାଇଥିଲା । ଚଳିତ ବର୍ଷ ମାନସିକ ପୂରଣ ପାଇଁ ଜୟନ୍ତୀ ବେହେରା ରୀତିନୀତି ଅନୁସାରେ ଘରେ ପୂଜାର୍ଚ୍ଚନା କରି ବୁଧବାର ଦିନ ଭୋର ୫ଟା ରୁ ଦଣ୍ଡ ପ୍ରଣାମ ଆରମ୍ଭକରି ଡହଡହ ଖରାରେ ଦୀର୍ଘ ୩କିଲୋମିଟର ମୋନବ୍ରତ କରି ଜାଗାକୁ ଦର୍ଶନ କରୁଥିବା ବେଳେ ଆଖିରୁ ଝର ଝର ଲୁହ ବୋହି ଯାଉଥିବା ଦେଖିବାକୁ ମିଳିଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ରାଜ୍ୟ କ୍ୟାବିନେଟ୍ ବୈଠକରେ....

ହସ୍ପିଟାଲ ପାଇଁ ଟାଟାକୁ ୪୩ ଏକର ଜମି ଦିଆଯିବ । ନାମମାତ୍ର ଅର୍ଥରେ ଟାଟା ଷ୍ଟିଲକୁ ମିଳିବ ଜମି । ରାୟଗଡ଼ା ମଝିଘରିଆଣି ମନ୍ଦିର ବିକାଶ ପାଇଁ ୬ ଏକର ଜମି ଦିଆଯିବ । କ୍ୟାବିନେଟ୍ ବୈଠକରେ ସଉରା ଭାଷାକୁ ସମ୍ବିଧାନର ୮ମ ଅନୁଚ୍ଛେଦର ସାମିଲ ପାଇଁ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏନେଇ କେନ୍ଦ୍ରକୁ ପ୍ରସ୍ତାବ ପଠାଯିବ । ଅନୁସୂଚିତ ଜାତ ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ସଉରା ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ପ୍ରସ୍ତାବ ପାରିତ କରାଯାଇଛି । ସେହିପରି ଭାରତୀୟ ସମ୍ବିଧାନରେ ଅନ୍ତର୍ଭୁକ୍ତ ହେଲେ ସଉରା ଭାଷା ଓ ସଂସ୍କୃତିର ବିକାଶ ହେବ । ସେହିପରି ସଉରା ଭାଷାର ସଂରକ୍ଷଣ ଓ ପ୍ରଚାରପ୍ରସାର ହୋଇପାରିବ । ବିଭିନ୍ନ ପ୍ରସଙ୍ଗରେ ଲେଖା ପ୍ରକାଶନ ହୋଇପାରିବ । ଏହି ନିଷ୍ପତ୍ତିରେ ୫ ଲକ୍ଷ ସଉରାଭାଷାଭାଷୀ ଲୋକ ଉପକୃତ ହେବେ । ୧୯୩୦ ମସିହାରେ ସଉରା ଲିପି ଆରମ୍ଭ ହୋଇଥିଲା । ଭାରତ ସରକାରଙ୍କୁ ରାଜ୍ୟ ସରକାର ଅନେକ ଥର ବିଭିନ୍ନ ଆଦିବାସୀ ଭାଷା ଯଥା 'ହୋ, ମୁଣ୍ଡାରି ଓ ଭୂମିଜ'କୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ଅନୁରୋଧ କରିଛନ୍ତି । କିନ୍ତୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ବାବଦରେ କୌଣସି ପଦକ୍ଷେପ ନିଆଯାଇ ନାହିଁ ।

ଆଜି ଦୁଇ ଦିନିଆ ଓଡିଶା ...

୨୩ ତାରିଖ ଦିନ ଶ୍ରୀ ନଡ୍ଡା ବୁର୍ଲାରୁ ବାହାରି ସିଧାସଳଖ ଭବାନିପାଟଣାଠାରେ ପହଂଚିବା ପରେ ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀଙ୍କୁ ଦର୍ଶନ କରି ଆଶୀର୍ବାଦ ନେବେ । ଏହା ପରେ ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତୀ ଅବସରରେ ଅନୁଷ୍ଠିତ ମହାଜନସମ୍ପର୍କ ସମାବେଶରେ ଯୋଗ ଦେବେ । ଏହା ପରେ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ନଡ୍ଡା ସ୍ଥାନୀୟ ଅଂଚଳର ବିଶିଷ୍ଟ ବ୍ୟକ୍ତି ଏବଂ କଳାହାଣ୍ଡି ଲୋକସଭା କ୍ଷେତ୍ରର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକ ଓ ଆଲୋଚନା କରିବେ । ଅପରାହ୍ନରେ ଶ୍ରୀ ନଡ୍ଡା ଝାରସୁଗୁଡା ଫେରି ଆସି ଦିଲ୍ଲୀ ପ୍ରତ୍ୟାବର୍ତନ କରିବେ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

ବାଲିଆପାଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଲଙ୍ଗଳେଶ୍ୱର , ୨୧/୦୬ (ନି.ପ୍ର): ବାଲିଆପାଳ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧ ବାର ବାଲିଆପାଳ ର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ପାତଞ୍ଜଳି ଯୋଗ ସମିତି ବାଲିଆପାଳ ଶାଖା, ସୁବର୍ଣ୍ଣରେଖା ହାଇ ସ୍କୁଲ ,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆଦି ଅନୁଷ୍ଠାନ ପକ୍ଷରୁ ପ୍ରାତଃ ୬ ଟାରୁ ସମୂହ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ବହୁ ସଂଖ୍ୟାରେ ସାଧାରଣ ଲୋକ , ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବକ , ଛାତ୍ର ଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଯୋଗ ସମିତି ବାଲିଆପାଳ ଶାଖା ର ପ୍ରଭାରୀ ଜଗନ୍ନାଥ ଦେ ଏହାକୁ ସଞ୍ଚାଳନ କରିଥିବା ବେଳେ ବିଜୟ କୁମାର ସାହୁ , ଅଚ୍ୟୁତ କୁମାର ରାଉତ ପ୍ରମୁଖ ଏଥିରେ ସହ ଯୋଗ କରିଥିଲେ ।ଏହି ଅବସରରେ ଅନୁଷ୍ଠିତ ବୌଦ୍ଧିକ କାର୍ଯ୍ୟକ୍ରମ କୁ ପ୍ରାକ୍ତନ ଅଧାପକ ବୀର ମାଧବ ଦାସ ପରିଚାଳନା କରିଥିଲେ । ଏଥିରେ ଅତିଥି ଭାବରେ ସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ବାରିକ, ସମିତି ର ପ୍ରମୁଖ ଅରବିନ୍ଦ ବେହେରା, ବଳରାମ ପରିଡା, ମହିଳା ପ୍ରଭାରୀ ସବିତା ଦେ ପ୍ରମୁଖ ଉପସ୍ଥିତ ରହି ଯୋଗର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ ।

ବାରିପଦାର ବିଭିନ୍ନ ସ୍ଥାନରେ ରଥଯାତ୍ରା ସମ୍ପନ୍ନ

ବାରିପଦା , ୨୧/୦୬ (ନି.ପ୍ର): ଆଜି ପବିତ୍ର ରଥ ଯାତ୍ରା ଉପଲକ୍ଷେ ବାରିପଦାର ତକତପୁର ଜଗନ୍ନାଥ ମନ୍ଦିର ଏବଂ ପୋଲିସ ଲାଇନ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ରଥ ଯାତ୍ରା ମହା ସମାରୋହରେ ପାଳିତ ହୋଇ ଯାଇଛି । ଉଭୟ ସ୍ଥାନରେ ନୀତିକାନ୍ତି ପରେ ଠାକୁର ମାନେ ପହଣ୍ଡି ରେ ରଥା ରୁଢ଼ ହେବା ପରେ ଭକ୍ତ ସେବାୟତ ମାନେ ଉତ୍ସାହ ଉଦ୍ଦୀପନାର ସହ ମହାପ୍ରଭୁଙ୍କ ରଥ ଟାଣିଥିଲେ । ପ୍ରବଳ ଗ୍ରୀଷ୍ମ ଗୁଳୁଗୁଳି ହେଉଥିବାରୁ ବିଭିନ୍ନ ସ୍ଥାନରେ ଦହି ସର୍ବତ ଏବଂ ଥଣ୍ଡା ପାଣି ସ୍ୱେଚ୍ଛାସେବୀ ମାନେ ଭକ୍ତ ଏବଂ ଅଗନ୍ତୁକ ମାନଙ୍କୁ ବଣ୍ଟନ କରିଥିଲେ । ସେହିପରି ଶାନ୍ତି ଶୃଙ୍ଖଳା ରକ୍ଷା ଏବଂ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଉଭୟ ସ୍ଥାନରେ ପୋଲିସ ମୁତୟନ ହୋଇଥିଲେ । ମହାପ୍ରଭୁଙ୍କ ରଥ ଟାଣିବାକୁ ବହୁ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

ଗସ୍ତ ପୂର୍ବରୁ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଜିଲ୍ଲା କଂଗ୍ରେସର ପ୍ରଶ୍ନ

ବାଲେଶ୍ୱର, ୨୧/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ତଥା ୫-ଟି ସଚିବଙ୍କ ଦୁଇ ଦିନିଆ ବାଲେଶ୍ୱର ଗସ୍ତକୁ ନେଇ ଜିଲା ମୁଖ୍ୟତଃ ୫ଟି ସମସ୍ୟା ସମ୍ପର୍କରେ ଉତ୍ତର ଦାବି କରିଛି ଜିଲା କଂଗ୍ରେସ କମିଟି । ୫-ଟି ସଚିବ ଭିକେ ପାଣ୍ଡିଆନ ସମ୍ପ୍ରତି ଛାୟା ମୁଖ୍ୟମନ୍ତ୍ରୀ ଭାବେ କ୍ଷମତା ଜାହିର କରି ଚାଲଛନ୍ତି ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆରୋପ ଉଠାଇଛନ୍ତି ଜିଲା କଂଗ୍ରେସ ସଭାପତି ସଂଜୀବ ଗିରି । ଜଣେ ସଚିବଙ୍କ ଗସ୍ତ ପାଇଁ ମନ୍ତ୍ରୀ ଓ ବିଜେଡ଼ି ବିଧାୟକଙ୍କ ସମେତ ଜିଲା ପ୍ରଶାସନ ଦିନରାତି ଏକ କରି ପ୍ରସ୍ତୁତିରେ ଲାଗି ରହିବା ଅତ୍ୟନ୍ତ ଲଜ୍ଜାର ବିଷୟ ବୋଲି ସେ କହିଛନ୍ତି । ସମଗ୍ର ଦେଶରେ ଏଭଳି ଅଭାବନୀୟ ଘଟଣା ପୂର୍ବରୁ କେବେ ଦେଖା ଯାଇନଥିଲା । ବିଜେଡି ସରକାରଙ୍କ ଏଭଳି କାର୍ଯ୍ୟକଳାପ ଗଣତନ୍ତ୍ରର ଘୋର ବିରୋଧୀ ହୋଇଥିବା ବେଳେ ଆଗାମୀ ଦିନରେ ଏହା ବିପଦଜନକ ପରିସ୍ଥିତି ସୃଷ୍ଟି କରିବ ବୋଲି ଶ୍ରୀ ଗିରି ଆଶଙ୍କା ପ୍ରକାଶ କରିଥିଲେ । ତେବେ ବାଲେଶ୍ୱର ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସୁଧାର ଆସିବ ଓ କଟକୁ ରୋଗୀ ରେଫର ବନ୍ଦ ହେବ ସେ ସମ୍ପର୍କରେ ଶ୍ରୀ ଗିରି ଛାୟା ମୁଖ୍ୟମନ୍ତ୍ରୀଙ୍କ ପାଇଁ ପ୍ରଶ୍ନ ଉତ୍ଥାପନ କରିଛନ୍ତି । ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ରାଜ୍ୟ ସରକାର ସୁପର ସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା କରିଥିବା ବେଳେ ବାଲେଶ୍ୱର ବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ତତ୍କାଳୀନ ୟୁପିଏ ସରକାରଙ୍କ ଦ୍ୱାରା ମଞ୍ଜୁର ୩୫୦ ଶଯ୍ୟା ବିଶିଷ୍ଟ ଏମ୍ସ ସୁପର ସ୍ପେଶାଲିଟି ହସ୍ପିଟାଲ ଏବଂ ନର୍ସିଂ କଲେଜ୍ ପ୍ରତିଷ୍ଠା ନିମନ୍ତେ ମୁଖ୍ୟମନ୍ତ୍ରୀ କ'ଣ ପଦକ୍ଷେପ ନେଇଚନ୍ତି । ସେହିଭଳି କଂଗ୍ରେସ ସରକାର ଅମଳରେ ଆରମ୍ଭ ହୋଇଥିବା ସୁବର୍ଣ୍ଣରେଖା ବନ୍ୟା ନିୟନ୍ତ୍ରଣ ଯୋଜନା ୨୩ବର୍ଷରେ ବି ରାଜ୍ୟ ସରକାର କାର୍ଯ୍ୟକାରୀ କରିନାହାନ୍ତି । କଂଗ୍ରେସ ସରକାରଙ୍କ 'ହଜାରେ ଦିନରେ ହଜାରେ ଶିଳ୍ପ' ଯୋଜନାରେ ବାଲେଶ୍ୱର ଜିଲାରେ ଖୋଲିଥିବା ହଜାର ହଜାର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ଏବେ ତାଲା ଝୁଲିବା ନବୀନ ସରକାରଙ୍କ ବଡ଼ ଉପଲବ୍ଧି କି ବୋଲି ଶ୍ରୀ ଗିରି ପ୍ରଶ୍ନ କରିଛନ୍ତି । ରାଜ୍ୟ ସରକାର କଟକ, ଭୁବନେଶ୍ୱର, ରାଉରକେଲା ଓ ସମ୍ବଲପୁର ସମେତ ବ୍ରହ୍ମପୁରକୁ ମହାନଗର ନିଗମର ମାନ୍ୟତା ଦେଇଥିବା ବେଳେ କ'ଣ ପାଇଁ ବାଲେଶ୍ୱର ପୌରପାଳିକାକୁ ମହାନଗର ନିଗମର ମାନ୍ୟତା ଦେବାକୁ କୁଣ୍ଠାବୋଧ କରୁଛନ୍ତି, ତାହାର ଉତ୍ତର ରଖିବାକୁ ଶ୍ରୀ ଗିରି ଦାବି କରିଛନ୍ତି । ଅନ୍ୟପକ୍ଷରେ ନିଶା କାରବାର ଶୀର୍ଷକୁ ଯାଉଥିବା ଏହି ଜିଲାକୁ ସମ୍ପ୍ରତି 'ଉଡ଼ତା ବାଲେଶ୍ୱର'ର ପରିଚୟ ମିଳିଛି । ପଶ୍ଚିମବଙ୍ଗରୁ ପ୍ରତିଦିନ କିଲୋ କିଲୋ ବ୍ରାଉନସୁଗାର ଜଳେଶ୍ୱର ଦେଇ ସାରା ରାଜ୍ୟକୁ ଚାଲାଣ ହେଉଛି । ମାତ୍ର ଏହାକୁ ରୋକିବାରେ କ'ଣ ପାଇଁ ରାଜ୍ୟ ସରକାର ଉଦାସୀନତା ଦେଖାଉଛନ୍ତି ବୋଲି ଶ୍ରୀ ଗିରି ପ୍ରଶ୍ନ କରିଛନ୍ତି । ଏ ସମ୍ପର୍କରେ ଉଚିତ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଜିଲା କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବ ବୋଲି ସେ ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅର୍ଚ୍ଚନା ନନ୍ଦୀ, ଗୋପୀନାଥ ପାଢ଼ୀ, ଶ୍ରମିକ ନେତା ବିକାଶ ଦାସ ଓ ଗୌତମ ସାହୁ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

ବିଭିନ୍ନ ଅନୁଷ୍ଠାନ ତରଫରୁ ଯୋଗ ଦିବସ ପାଳିତ

ଜୟପୁର, ୨୧/୦୬ (ନି.ପ୍ର): ବିଭିନ୍ନ ଅନୁଷ୍ଠାନ ତରଫରୁ ଜୟପୁର ରେ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଛି । ପତଞ୍ଜଳି ଯୋଗ ସମିତି ତରଫରୁ ଜୟପୁର ଠାରେ ୯ମ ଆନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହୋଇଛି । ଜୟନଗର ପାର୍କ ଠାରେ ସମତି ତରଫରୁ ଜିଲାସ୍ତରିୟ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଛି । ଏଠାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହୀନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦ୍ୱିପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମିତିର ସଭାପତି ଆମ୍ବିକା ପାଣିଗ୍ରାହୀ, ମଦନ ମୋହନ ନାୟକ, ହରିହର କରସୁଧା ପଟ୍ଟନାୟକ, ଜାନକି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଏବେ ବିଶ୍ୱ ଦରବାରରେ ପହଂଚାଇବାକୁ ପ୍ରୟାସ ଆରମ୍ଭ ହୋଇଛି । ଭାରତରଏହି ପ୍ରୟାସ ବିଶ୍ୱର କୋଣ ଅନୁକୋଣରେ ପହଂଚି ପାରିଛି । ଏହି ବର୍ଷ ଆନ୍ତର୍ଜାତିୟ ଯୋଗ ଦିବସ ୧୯୩ଟି ଦେଶରେ ପାଳନ ହୋଇଛି । ଯୋଗ ଦ୍ୱାରା ଶରୀର ସୁସ୍ଥ ରହିବା ସହ ମନକୁ ମଧ୍ୟ ଶାନ୍ତି ମେଳିଥାଏ ବୋଲି ବିଧାୟକ ବାହିନିପତି କହିଛନ୍ତି ।

୨୩ ତାରିଖ ଜିକେଭଙ୍ଗର ଡାକ୍ତରଖାନା ସମ୍ମୁଖରେ ଧାରଣା ନେଇ ସିଡିଏମ୍‌ଓଙ୍କ ସହ ଆଲୋଚନା

ଜଳେଶ୍ୱର , ୨୧/୦୬ (ନି.ପ୍ର): ଜଳେଶ୍ୱରସ୍ଥିତ ଜିକେ ଭଙ୍ଗର ଡାକ୍ତରଖାନାରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ନ ମିଳିବା, ବିଶେଷ କରି ସମସ୍ତ ଡାକ୍ତର ନ ଥିବାରୁ ମେଡିକାଲ କଲେଜ କ୍ରିନୁଷ୍ଠାନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ଲାଗି ଧାରଣା ଡାକରା ଦିଆଯାଇଥିଲା । ଆସନ୍ତା ୨୩ ତାରିଖରେ ଏହି ଆନ୍ଦୋଳନ ହେବାର କୁହାଯାଇଥିଲା ବେଳେ ଆଜି ବାଲେଶ୍ୱର ସିଡିଏମ୍‌ଓ ଦୁଲାଲ ସେନ ଜଗଦେବ ସହ ଆଲୋଚନା ହୋଇ ୨ ମାସ ଲାଗି ସ୍ଥଗିତ ରଖାଯାଇଛି । ଭଙ୍ଗର ଡାକ୍ତରଖାନାରେ ମୋଟ ୧୦ଜଣ ଡାକ୍ତର ରହିବାକୁ ଥିବା ବେଳେ ଆଜି ସୁଦ୍ଧା ୮ଟି ଡାକ୍ତର ପଦବୀ ପୂରଣ ହୋଇଛି । ସେଥିରୁ ୫ଜଣ ସ୍ଥାୟୀ ଡାକ୍ତର, ୨ଜଣ ଠିକା ଡାକ୍ତର, ଡେପୁଟେସନରେ ୩ଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି । ସ୍ଥାୟୀ ସ୍ତ୍ରୀରୋଗ ବିଶେଷଜ୍ଞ ଓ ସର୍ଜିକାଲ ଡାକ୍ତରପାଇଁ ସିଡିଏମ୍‌ଓ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖିଥିବା ପ୍ରକାଶ କରିଛନ୍ତି । ନିଶ୍ଚେତକ ଡାକ୍ତର ଓ ସମସ୍ତ ଖାଲି ପଡିଥିବା ନର୍ସ ପଦବୀ, ଟେକ୍‌ସିଆନ୍ ଆସନ୍ତା ୨ ମାସ ମଧ୍ୟରେ ପୂରଣ ହେବା ପ୍ରତିଶ୍ରୁତି ସେ ଦେଇଥିବାରୁ ୨ ମାସ ଲାଗି ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି । ଏହି ଆଲୋଚନାରେ ସିଡିଏମ୍, ସ୍ଥାନୀୟ ଭାରପ୍ରାପ୍ତ ଡାକ୍ତର ଦିଲ୍ଲିପ କୁମାର ପାତ୍ରଙ୍କ ସହିତ କ୍ରିୟାନୁଷ୍ଠାନ କମିଟିର ଜୋନାଲ କୋଡିନେଟର ଦିଲ୍ଲିପ ଗିରି, ବ୍ଲକ କୋଡିନେଟର ଅରୁଣ ବେଜ, ବରିଷ୍ଠ ନାଗରିକ ସୁରକ୍ଷା ମଂଚ ସଭାପତି ରମାକାନ୍ତ ଭଂଜ, ସଂପାଦକ ଡ. ଲଳିତ ରଂଜନ ସେନାପତି ଉପସ୍ଥିତ ହୋଇ ଆଲୋଚନାରେ ଭାଗ ନେଇଥିଲେ ।

ଓମ୍ ଶାନ୍ତି ଯୋଗପୀଠରେ ଯୋଗଦିବସ

ବଲାଙ୍ଗୀର, ୨୧/୦୬ (ନି.ପ୍ର): ସ୍ଥାନୀୟ ରାଜେନ୍ଦ୍ର ପାର୍କ ଠାରେ ସକାଳ ଘ.୬ ସମୟରେ ଓମ୍ ଶାନ୍ତି ଯୋଗପୀଠ ଦ୍ୱାରା ଆର୍ନ୍ତଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି । ସଭାପତି ନାରାୟଣ ପାଢୀଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ କରାଗଲା । ସଭାପତି ତାଙ୍କ ଅଭିଭାଷଣରେ ସମସ୍ତଙ୍କୁ ମନେ ପକାଇଥିଲେ ଯେ, ଦିର୍ଘ ୯ ବର୍ଷ ହେଲା ସାରା ବିଶ୍ୱରେ ଏହି ଦିନକୁ ଯୋଗ ଦିବସ ହିସାବରେ ପାଳନ କରାଯାଉଛି । ସଂପାଦକ ଚୁଡେନ୍ଦ୍ର କୁମାର ବେହେରା ସମସ୍ତ ସଭ୍ୟଙ୍କୁ ସକାଳେ ଠିକ୍ ସମୟରେ ଯୋଗ କେନ୍ଦ୍ରରେ ଉପସ୍ଥିତ ରହି ଯୋଗ କରିବା ପାଇଁ ନିବେଦନ କରିଥିଲେ ।

କଇନଗରୀରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଲଙ୍ଗଳେଶ୍ୱର, ୨୧/୦୬ (ନି.ପ୍ର): ସିଂଲା ଥାନା ଅନ୍ତର୍ଗତ କଇନଗରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ରାଧାବଲ୍ଲଭ ମଣ୍ଡଳ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ନବମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି, ଚଳିତ ବର୍ଷ ଯୋଗ ଦିବସ ର ଥିମ ରହିଛି 'ଯୋଗ ଫର ବସୁଧୈବ କୁଟୁମ୍ବକମ', ଯୋଗାଭ୍ୟାସ ର ଲାଭ ସମ୍ପର୍କରେ ସାରା ବିଶ୍ୱ ରେ ସଚେତନତା ସୃଷ୍ଟି କରିବା ପାଂଇ ବିଶ୍ୱବ୍ୟାପୀ ଗାଂଆ ଠୁ ସହର

ଗୁରୁବାର, ଜୁନ୍ ୨୨, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ରୂପ୍‌ସାରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହେଲା ରଥଟଣା

ବସ୍ତା , ୨୧/୦୬ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସା ରେ ଗଡିଲା ଜଗତର ନାଥ ଜଗନ୍ନାଥଙ୍କ ରଥ । ପୁରୀ ରଥ ର ଗୋଟିଏ ଦିନ ପରେ ଗଡେ ରୂପସା ରେ ରଥ । କସିପଦା ମନ୍ଦିର ନିକଟରୁ ଭାରି ପାଟପୁର ବଜାର ଠାରେ ଥିବା ମାଉସୀ ମା ବାଡି ଙ୍କୁ ଯାଆନ୍ତି ଜଗତର ନାଥ ଜଗନ୍ନାଥ ସାଙ୍ଗରେ ଭ୍ରାତା ବଳଭଦ୍ର ଓ ଭଉଣୀ ମାତା ସୁଭଦ୍ରା । ଖୋଳ କୀର୍ତ୍ତନ, ଝାଲି ଶଙ୍ଖ ନାଦ ସାଙ୍ଗକୁ ଜୟ ଜଗନ୍ନାଥ ସ୍ୱାମୀ ଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ଭିତରେ ପବିତ୍ର ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭକ୍ତ ଭଗବାନ ଙ୍କ ମହା ମିଳନ ର ପର୍ବ ରଥ ଯାତ୍ରା ରେ ହଜାର ହଜାର ଭକ୍ତ ଉପସ୍ଥିତ ରହି ଶ୍ରଦ୍ଧା ରେ ରଥ ଟାଣି ଥିଲେ। ଏହି ସମୟରେ ପ୍ରତେକ ଘର ସାମ୍ନାରେ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା ସହିତ ମଙ୍ଗଳ ଆରତୀ, ଧୁଣା ଦ୍ୱିପ ସହିତ ଭୋଗ ଲାଗିକରି ପୂଜା ଅର୍ଚ୍ଚନା କରିଥିଲେ । ଖୋଳ କୀର୍ତ୍ତନ, ଝାଲି ଶଙ୍ଖ ନାଦ ସାଙ୍ଗକୁ ଜୟ ଜଗନ୍ନାଥ୍ ନାରାରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଆଧ୍ୟାତ୍ମିକ ପରିବେଶ ଭିତରେ ପବିତ୍ର ରଥ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ପ୍ରଭୁ ଙ୍କୁ ଆଲିଙ୍ଗନ କରିବାର ସୁଯୋଗ ପାଇ ଭାବବିଭୋଳ ହୋଇ ଯାଇଥିଲେ।

ବୁଢ଼ାବଳଙ୍ଗରେ ବୁଡ଼ି ନାବାଳକ ମୃତ

ବାଲେଶ୍ୱର, ୨୧/୦୬ (ନି.ପ୍ର): ବୁଢ଼ାବଳଙ୍ଗ ନଦୀର ସହର ଉପକଣ୍ଠ ବଡ଼ନୂଆପୁର ଘାଟରେ ଗାଧୋଉଥିବା ବେଳେ ମାଣିଖମ୍ବ ଅଞ୍ଚଳର ଅଷ୍ଟମ ଶ୍ରେଣୀ ଛାତ୍ରର ମୃତ୍ୟୁ ହୋଇଯାଇଛି। ମାଣିଖମ୍ବର ଦୀପକ କୁମାର କରଙ୍କ ଏକମାତ୍ର ପୁତ୍ର ଓମ ପ୍ରକାଶ କର (୧୩) ବେଦମତୀ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଅଟନ୍ତି। ସକାଳ ପ୍ରାୟ ୯ଟା ବେଳେ ଦୋକାନରୁ ପୁରି ଖାଇବ ବୋଲି ବାପାଙ୍କ ଠାରୁ ଟଙ୍କା ନେଇ ଓମପ୍ରକାଶ ସାଇକେଲ ଧରି ବାହାରି ଯାଇଥିଲା । ସେ ଘରକୁ ଫେରିବା ପରିବର୍ତ୍ତେ ବଡ଼ନୂଆପୁର ଘାଟ ବନ୍ଧରେ ସାଇକେଲ ରଖି ନଦୀରେ ଗାଧୋଉଥିଲେ । ତାଙ୍କ ଗୋଡ ଖସି ଯିବାରୁ ସେ ପାଣିରେ କିଛିବାଟ ଭାସିଯାଇ ବୁଡ଼ି ଯାଇଥିଲେ। ସେଠାରେ ଗାଧୋଉଥିବା ଅନ୍ୟ ଲୋକମାନେ ଶାଢ଼ୀ ଗାମୁଛା ଓମଙ୍କ ନିକଟକୁ ଫିଙ୍ଗି ଥିଲେ ବି ସେ ତାହାକୁ ଧରିପାରି ନଥିଲେ। ଦମକଳ ବାହିନୀ ବହୁ ଖୋଜଖୋଜି କରିବା ପରେ ବି ଓମଙ୍କର କୌଣସି ପତ୍ତା ମିଳି ନଥିଲା। ଅପରାହ୍ନରେ ଜୁଆର ଛାଡ଼ିବା ପରେ ନଦୀର ବଡ଼ନୂଆପୁର ଘାଟ ଠାରୁ କିଛି ଦୂରେ ତାଙ୍କର ମୃତ ଦେହ ଲାଗିଥିବା ଦେଖିବାକୁ ମିଳିଥିଲା। ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ଆଣାଯାଇଛି।

ଅଜଗର ସାପ ଉଦ୍ଧାର

ଜୟପୁର, ୨୧/୦୬ (ନି.ପ୍ର): ଜୟପୁର ବନାଂଚଳ ତରଫରୁ ଅଜଗର ସାପ ଉଦ୍ଧାର ହୋଇଛି। ୧୪ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର ହୋଇଛି । ଜୟପୁର ନିକଟ ଭଟ୍ଟାଛିଂଚରେ ଅଜଗର ସାପଟି କୋକିଶିଆଳକୁ ଗିଳି ସାରିବା ପରେ କୁଆଡେ ଯାଇନପାରି ଗ୍ରାମ ନିକଟ ଏକ ପୋଖରି ପାଖରେ ରହିଯାଇଥିଲା। ପରେ ଅଜଗର ଗିଳିଥିବା କୋକିଶିଆଳକୁ ମୃତ ଅବସ୍ଥାରେ ବାହାର ମଧ୍ୟ କରିଥିଲା । ଏହା ଦେଖି ଗ୍ରାମବାସୀମାନେ ଜୟପୁର ବନାଂଚଳ ବିଭାଗକୁ ଖବର ଦେଇଥିଲା । ପରେ ଜୟପୁର ବନାଂଚଳ ଅଧିକାରି ସଚିଦା ନନ୍ଦ ପରିଡା ପହଂଚି ସାପକୁ ଉଦ୍ଧାର କରି ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜଙ୍ଗଲ ଭିତରେ ଛଡ଼ା ଯାଇଥିବା ବନାଂଚଳ ତରଫରୁ ସୂଚନା ଦିଆଯାଇଛି ।

ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ପ୍ରଥମ ଦିନ ରଥଟଣା ଶେଷ

ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ କାଳିଆଠକୁର

ନୀଳଗିରି , ୨୧/୦୬ (ନି.ପ୍ର): କୋଟି କୋଟି ଓଡିଆଙ୍କର ମଉଡମଣି ପରମଆରାଧ୍ୟ ଜଗତର ନାଥ ଜଗନ୍ନାଥଙ୍କ ଘୋଷଯାତ୍ରା ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ରେ ପ୍ରଥମ ଦିବସର ରଥଟଣା କାର୍ଯ୍ୟ ଶେଷ ହୋଇଛି। ନୀଳଗିରି ରଥଯାତ୍ରାର ପରମ୍ପରା ଅନୁଯାୟୀ ପ୍ରଥମ ଦିବସରେ ପହଣ୍ଡି ବିଜେ କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୁଢ଼ କରାଯାଇଥାଏ। ଦ୍ୱିତୀୟ ଓ ତୃତୀୟ ଦିବସରେ ରଥଟଣା କାର୍ଯ୍ୟ ହୋଇଥାଏ। ଆଜି ପ୍ରଥମ ଦିବସରେ ରଥ ଉପରେ ସେବାୟତ ମାନଙ୍କ ଦ୍ୱାରା ମହାପ୍ରଭୁଙ୍କ ନିତିକାନ୍ତି ସରିବା ପରେ ସନ୍ଧ୍ୟା ପ୍ରାୟ ୫ଘଟିକା ସମୟରେ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ରଥଦାଣ୍ଡରେ ହଜାର ହଜାର ଶ୍ରଦ୍ଧାଳୁ ରଥକୁ ଟାଣି ଟାଣି ନେଇ ପୋଷ୍ଟ ଅଫିସ ସାମ୍ନାରେ ରଖିବା ପରେ ପ୍ରଥମ ଦିବସ ରଥଟଣା ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଉତ୍ତରାଞ୍ଚଳ ଆଇ. ଜି ହିମାଂଶୁ ଲାଲ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ, ପୋଲିସ ଅଧିକ୍ଷକ ସାଗରିକା ନାଥ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବିଜେଡି ନେତା ସନ୍ତୋଷ ଖଟୁଆ, ରାଜ୍ୟ ବିଜେଡି ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ଏନଏସି ଅଧକ୍ଷା ଅମ୍ବିକା ଦାସ, ବିଜେପି ନେତା ଗଙ୍ଗାଧର ମିଶ୍ର ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରଥଟଣା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ନୀଳଗିରି ବିଡ଼ିଓ ରାହୁଲ ମଣ୍ଡଳ ରଥ ଉପରେ ରହି ପତାକା ଦେଖାଇ ରଥଟଣା କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହି ଅବସରରେ ନୀଳଗିରି ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥଟଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ରଥ ଉପରେ ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରଥମ ଦିନ ଘୋଷଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନୀଳଗିରି ପୋଲିସ ପକ୍ଷରୁ ୧୦ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ପ୍ରଥମ ଦିନ ଘୋଷ ଯାତ୍ରାରେ କୌଣସି ଅପ୍ରିତି ପରିସ୍ଥିତି ଦେଖିବାକୁ ମିଳିନଥିଲା।

ନୂତନ ରେଳପଥ ନିର୍ମାଣ ପାଇଁ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଦାବିପତ୍ର

ଖଇରା, ୨୧/୦୬ (ନି.ପ୍ର): ବାଲେଶ୍ୱର ଜିଲା ର ନିଳଗିରି ଠାରୁ ଖଇରା ଆନନ୍ଦପୁର ଦେଇ କେନ୍ଦୁଝର କୁ ଏକ ନୂତନ ରେଳ ପଥ ନିର୍ମାଣ ଓ ଖଇରା ଠାରେ ବିଏସ୍‌ଏନ୍‌ଏଲ ଉପଖଣ୍ଡ ପ୍ରତିଷ୍ଠା କରିବାକୁ ଖଇରାର ବିଭିନ୍ନ ସଙ୍ଗଠନ ତରଫରୁ କେନ୍ଦ୍ର ରେଳ ଓ ଟେଲିଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟରେ ଦାବୀ କରିଛନ୍ତି । ମଙ୍ଗଳବାର ମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ ଅବସରରେ ଖଇରାର ଅଗ୍ରଣୀ ସଙ୍ଗଠନ ମୁକୁନ୍ଦ ପ୍ରସାଦ ସ୍ମୃତି କମିଟି ଓ ଜନଜାଗରଣ ମଞ୍ଚର ସଦସ୍ୟ ମାନେ ସର୍କିଟ ହାଉସରେ ତାଙ୍କୁ ଭେଟି ଉକ୍ତ ଦାବିପତ୍ର ପ୍ରଦାନ କରିବା ସହ ସ୍ଥାନୀୟ ଜନସାଧାରଣ ବୋଗୁଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ । ମୁକୁନ୍ଦ ପ୍ରସାଦ ସ୍ମୃତିକମିଟି ର ସଭାପତି ଉମେଶ ଚନ୍ଦ୍ର ନାୟକ,ସମ୍ପାଦକ ଠାକୁର ରଞ୍ଜିତ ଦାସ, ଆବାହକ ଅଭିରାମ ମହାପାତ୍ର, ଜଗଜାଗରଣ ମଞ୍ଚର ସମ୍ପାଦକ ନିରଞ୍ଜନ ବେହେରା, ଲମ୍ବୋଦର ନାୟକ, ଲକ୍ଷ୍ମୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ।

ବସ୍ତାରେ ଯୋଗ ଦିବସ ପାଳିତ

ବସ୍ତା।୨୧।୬(ନିପ୍ର) ବସ୍ତା ଅଞ୍ଚଳରେ ଯୋଗ ଦିବସ ପାଳିତ ହୋଇଯାଇଛି। ଛଚିନା ଶାଖା ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନିସମାଜ ଓଡିଶା ପ୍ରାନ୍ତ ଆଞ୍ଚଳିକ ମୁନି ସମାଜପକ୍ଷରୁ ଆନ୍ତର୍ଜାତୀୟଯୋଗ ଦିବସ ବୁଧବାର ପାଳିତ ହୋଇଯାଇଛି । ସକାଳା ୭ଟାରେ ଆଶ୍ରମରୁ ନଗରପରିକ୍ରମା ପାଇଁବାହାରୀ ମଣତାପାଳ ନିକଟରେ ପହଞ୍ଚିଥିଲେ । ସେଠାରେ ଏକ ପଥପ୍ରାନ୍ତ ସଭାର ଆୟୋଜନ ହୋଇଥିଲା । ଓଡିଶା ପ୍ରାନ୍ତ ମୁନିସମାଜର ସଂଗଠକ ଓ ପ୍ରଚାରମନ୍ତ୍ରୀ ଯୋଗଚାର୍ଯ୍ୟ ଅନନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ପ୍ରାନ୍ତର ମୁନି ସମାଜରଅଧ୍ୟକ୍ଷ ଯୋଗୀ ଚିତରଞ୍ଜନଭୂୟାଁ ଯୋଗ ଦେଇ ଯୋଗ ଶାଧନାରେ ନିରୋଗ ରହିବା ସହିତ ଯୋଗାଶନରେ ମଧ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ଦୂରହେବ ବୋଲି ମତବ୍ୟକ୍ତ କରିଥିଲେ । ଯୋଗି ଆଦିତ୍ୟମୁନି, ଯୋଗି ଧରଣିଧର ମୁନି, ମୁନିରାଜ ସୁରେଶ ମଇକାପ ସମେତ ଯୋଗି ଓ ମୁନିମତୀ ଉପସ୍ଥିତ ଥିଲେ । ସେହିପରି ବାହାର୍ଦ୍ଦା ପଞ୍ଚାୟତ ମେଳକ ତଳତା ପଣ୍ଡା ଯୋଗ ଦିବସ ଅବସରରେ ସଦଜ୍ଞାନଜାଗୃତି ଯୋଗ ଶିକ୍ଷା କେନ୍ଦ୍ରରେ ଯୋଗ ନଗର ପରିକ୍ରମା ପ୍ରଣବଯଜ୍ଞ ଓ ସଭାର ଆୟୋଜନ ହୋଇଥିଲା । ଦାସରଥି ରାଉତ ସଭାପତିତ୍ୱ କରିଥିବାବେଳେ ମୂଖ୍ୟ ଅତିଥି ସମାଜସେବୀ କିଶୋର ପାଳ ମୂଖ୍ୟବକ୍ତା ଯୋଗୀ ଦାମୋଦର ମୁନି, ସମ୍ମାନୀତ ଅତିଥି ଅମର କୁମାର ପାଳ, ଅଖିଳ ବେହେରା, ଅବଦୁଲ କବର, ଯୋଗ ଦେଇ ଯୋଗ ଦିବସ ବିଷୟରେ ମତ ପ୍ରକାଶ କରିଥିଲେ। ଯୋଗି ମହେଶ୍ୱର ବାଗ, ହିରାମଣୀ ଜେନା, ଶଦାଶିବ ଅନୁପପାଳ, ଦୁଃଖହରି ଦାସ, ସୁଦାମଗାଣ, ଅଚ୍ୟୁତ ରାଉତ, ଅବନୀ ପରିଡା ସମେତ ବହୁ ଯୋଗି ମୁନିମତୀ ଉପସ୍ଥିତ ଥିଲେ ।

ସ୍ଥାୟୀ ଲୁଣି ବନ୍ଧ ନିର୍ମାଣ ଓ ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ଦାବିପତ୍ର ପ୍ରଦାନ

ଲଙ୍ଗଳେଶ୍ୱର ୨୧/୬(ନିପ୍ର) ବାଲିଆପାଳ ବ୍ଲକ ବଡାଶ ଗ୍ରାମ ପଞ୍ଚାୟତର ଲକ୍ଷ୍ମୀ କାନ୍ତ ଦେ (ଧୂଳିଆ) ଙ୍କ ନେତୃତ୍ୱରେ ବୁଧବାର ମାଣିକ ସିମୁଳିଆ, ଜଗାଇ, କାଠଶଗଡ଼ା, ପାକମୁଡ଼ି ଗ୍ରାମର ବହୁ ଗ୍ରାମବାସୀ ମିଳିତ ହୋଇ ସୁବର୍ଣ୍ଣରେଖା ନଦୀ ଅବବାହିକା ମାଣିକ ସିମୁଳିଆ ଠାରୁ ତାହାଳିଆ ପର୍ଯ୍ୟନ୍ତ ନଦୀବନ୍ଧକୁ ଲୁଣି ପାଣି ରୋକିବା ପାଇଁ ସ୍ଥାୟୀ ଲୁଣି ବନ୍ଧ ନିର୍ମାଣ କରିବା ସହିତ ଷୋଳସା ପଣ୍ଡାରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ବାଲିଆପାଳ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା ଏବଂ ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ବର୍ଷା ଦିନରେ ସମୁଦ୍ରର ଲୁଣି ଜୁଆର ସୁବର୍ଣ୍ଣରେଖା ନଦୀରେ ପ୍ରବାହିତ ହୋଇ ବଡାଶ ଗ୍ରାମ ପଞ୍ଚାୟତର ଚାଷରେ ବ୍ୟାପକ କ୍ଷତି ଘଟାଇ ଥାଏ। ତାହାଛଡା ଷୋଳସା ପଣ୍ଡାରେ ଥରେ ପାଣି ଜମିଗଲେ ସୂଚାରୁ ରୂପେ ଜଳ ନିଷ୍କାସନ ହୋଇ ପରେ ନାହିଁ। ଯାହାଦ୍ୱାରା ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। ଏହି ସବୁ କ୍ଷୟ କ୍ଷତିରୁ ବର୍ତ୍ତିବା ପାଇଁ ଶ୍ରୀ ଦେଙ୍କ ନେତୃତ୍ୱ ରେ ବୁଧବାର ସାର୍ଥକ ରଞ୍ଜିତ, ଅନନ୍ତ କରଣ, ମୃତ୍ୟୁଞ୍ଜୟ ଦେ, କ୍ଷିରୋଦ ଜେନା, ସଞ୍ଜୟ ରାଜ, ବିଜୟ ସେନାପତି, ଗୁଣା କର ଜେନା, ପିତାମ୍ବର ରାଉତ ଙ୍କ ସହିତ ବହୁ ଗ୍ରାମବାସୀ ବ୍ଲକ ଓ ତହସିଲ ରେ ଉପସ୍ଥିତ ହୋଇ ବିଡ଼ିଓ ଶ୍ରୀ ପଣ୍ଡା ଏବଂ ତହସିଲଦାର ଶ୍ରୀ ଦାଶଙ୍କୁ ଦାବି ପାତ୍ର ପ୍ରଦାନ କରିଛନ୍ତି।

ବଜ୍ରପାତରେ ୪ବଖରା ଘର ଭସ୍ମୀଭୂତ

ଖଇରା, ୨୧/୦୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ଜୟୀଗଡ ଗ୍ରାମରେ ବୁଧବାର ଅପରାହ୍ନରେ ବଜ୍ରପାତ ଘଟିବା କାରଣରୁ ଗୟାଧର ସେଠୀଙ୍କର ୪ବଖରା ବାସଗୃହ ନଷ୍ଟ ହୋଇ ଯାଇଛି । ଏଥିରେ ତାଙ୍କର ଆସବାବ ପତ୍ର ସମେତ ଲକ୍ଷାଧିକ ଟଙ୍କାର ଜିନିଷପତ୍ର ପୋଡି ପାଉଁଶ ହୋଇ ଯାଇଛି । ଖବର ପାଇ ଖଇରା ଦମକଳ କେନ୍ଦ୍ରର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

ଜିଲ୍ଲା ହୋମିଓପାଥିକ କାର୍ଯ୍ୟାଳୟ ପକ୍ଷରୁ ଯୋଗ ଦିବସ

ବାଲେଶ୍ୱର, ୨୧/୦୬ (ନି.ପ୍ର): ଜିଲା ହୋମିଓପାଥିକ କାର୍ଯ୍ୟାଳୟ ପକ୍ଷରୁ ନବମ ଆନ୍ତର୍ଜାତିକ ଯୋଗ ଦିବସ ଶୋଭାରାମପୁର ସ୍ଥିତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପତଞ୍ଜଳି ଯୋଗ ସମିତିର ଜିଲା ମହିଳା ପ୍ରଭାରୀ ଯଶୋବନ୍ତୀ ଶିଅଳ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱ ଯୋଗ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। ଡାକ୍ତର କୁମାର ଗୋପାଳ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାନବ ଶରୀର ପାଇଁ ଯୋଗ ଓ ପ୍ରାଣାୟମର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ହୋମିଓପାଥିକ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜୟଶ୍ରୀ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ହୋମିଓପାଥିକ ଚିକିତ୍ସକ ଡାକ୍ତର ସ୍ୱରୂପ ପଟ୍ଟନାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ନାୟରା ପେଟ୍ରୋଲ ପମ୍ପ ଉଦ୍‌ଘାଟିତ

ବାରିପଦା , ୨୧/୦୬ (ନି.ପ୍ର): ବାରିପଦା ସହର ଉପକଣ୍ଠ ପୋଡା ଅଣ୍ଡିଆ ଡିଭାଇନ ବୈଷୟିକ କଲେଜ ନିକଟରେ ବାରିପଦା - ଉଦଳା ରାସ୍ତା କଡ଼ରେ ଏକ ନାୟରା ପେଟ୍ରୋଲ ପମ୍ପ ଉଦଘାଟିତ ହୋଇଯାଇଛି। ପେଟ୍ରୋଲ ପମ୍ପର ପ୍ରପାଇଟର ମନୋରଞ୍ଜନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବିଶିଷ୍ଟ ସମାଜସେବୀ ଗିରିଶ ଚନ୍ଦ୍ର ଦାସ ନାୟରା ପେଟ୍ରୋଲିୟମର ମ୍ୟାନେଜର ଗୌରବ ଶର୍ମା ପ୍ରମୁଖ ଯୋଗଦେଇ ଫିତା କାଟି ଏବଂ ନର୍ତ୍ତିଆ ଫଟାଇ ପେଟ୍ରୋଲ ପମ୍ପକୁ ଉଦଘାଟନ କରିଥିଲେ।

ଉଦଳାରେ ଅର୍ନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳିତ

ଉଦଳା, ୨୧/୦୬ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ଜୁନ ୨୧ ତାରିଖ ବୁଧବାର ଦିନ ନବମ ଅର୍ନ୍ତରାଷ୍ଟ୍ରୀୟ ଯୋଗ ଦିବସ ପତଳୀ ଯୋଗ ସମିତି, ମୟୂରଭ ଆନୁକୁଲ୍ୟରେ ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ଜିଲ୍ଲା ସ୍ତରୀୟ ଯୋଗ ମହୋତ୍ସବ ଆକାରରେ ପାଳିତ ହୋଇଯାଇଛି । ପତଳୀ ଯୋଗ ସମିତିର ଜିଲ୍ଲା ପ୍ରଭାରୀ ଜୟଗୋପାଳ ରାୟ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ବିଧାୟକ ଭାସ୍କର ମଢ଼େଇ ଓ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ, ଯୋଗ ପାଇଁ ଆମ ଦେଶ ଭାରତ ଆଜି କିପରି ସମଗ୍ର ପୃଥିବୀରେ ତାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିବା ସହ ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଯୋଗ ଗୁରୁ ବାବା ରାମଦେବଙ୍କ ଅବଦାନ କେବେ ଭୁଲିହେବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଚିନ୍ମୟ ମିଶନର ବ୍ରହ୍ମଚାରୀ ଅଚ୍ୟୁତ ଚୈତନ୍ୟ 'ଗୀତା' ମଧ୍ୟରେ ଯୋଗର ଦର୍ଶନ କିପରି ଲୁଚି ରହିଛି ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବାସ୍ତବରେ ଏହାହିଁ ଥିଲା ଖୁବ୍ ହୃଦୟସ୍ପର୍ଶୀ । ଏହାପରେ ଯୋଗ ଗୁରୁ ବ୍ରହ୍ମାନନ୍ଦ ନାୟକ ବିଭିନ୍ନ ପ୍ରକାର ଯୋଗାସନର ଅଭ୍ୟାସ କରାଇଥିଲେ । ଶେଷରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉଦଳା ଶାଖାର ପରିଚାଳିକା ବ୍ରହ୍ମାକୁମାରୀ ଦମୟନ୍ତି ରାଜଯୋଗ ଅଭ୍ୟାସ କରାଇଥିଲେ । ଯୋଗ ସମିତିର ଜିଲ୍ଲା ମହିଳା ପ୍ରଭାରୀ ଅନିତା ବିଶ୍ୱାଳ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ୨୦୦ରୁ ଉର୍ଦ୍ଧ ଭାଇ ଭଉଣୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

ପାଣିକୋଇଲିରେ ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

କୋରେଇ, ୨୧/୦୬ (ନି.ପ୍ର): ଭାରତ ବର୍ଷ ଯୋଗ ଓ ଆଧ୍ୟାତ୍ମିକତାର ଦେଶ। ଆବାହମାନ କାଳରୁ ମୁନିଋଷିମାନେ ଯୋଗାଭ୍ୟାସ ଦ୍ୱାରା ଶହ ଶହ ବର୍ଷ ପର୍ଯ୍ୟନ୍ତ ନିରୋଗ ଭାବେ ବଂଚି ରହିବା ସହିତ ସମାଜକୁ ଆଧ୍ୟାତ୍ମିକତାର ମୟମଞ୍ଜାନ ପ୍ରଦାନ କରି ଆସିଛନ୍ତି। ଆଜି ବିଶ୍ୱ ପାଳୁଛି ଯୋଗ ଦିବସ। ଆନ୍ତର୍